DOI :https://doi.org/10.5281/zenodo.15253297 ମୂଳ ପ୍ରବନ୍ଧ

# ଗାଳ୍ପିକ ପବିତ୍ର ପାଣିଗ୍ରାହୀ: ଏକ ଅନୁଶୀଳନ

**ବିପଦ କୁମାର ବାରିକ**

**ସଂକ୍ଷିପ୍ତସାର :**

ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ଲେଖକ ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ସମଗ୍ର ଗଳ୍ପକୁ ନେଇ ମୋର ପ୍ରାକ୍ ଗବେଷଣା ନିବନ୍ଧର ଶୀର୍ଷକ ଥିଲା 'ଗାଳ୍ପିକ ପବିତ୍ର ପାଣିଗ୍ରାହୀ: ଏକ ଅନୁଶୀଳନ'। ସେହି ଗବେଷଣାର ଶୀର୍ଷକକୁ ନେଇ କରି ମୋର ଏଇ ସଂକ୍ଷିପ୍ତ ପ୍ରବନ୍ଧଟି ପ୍ରସ୍ତୁତ କରିଅଛି। ଏହି ପ୍ରବନ୍ଧରେ ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ଜୀବନୀ, ସାହିତ୍ୟକୃତି ଓ ତାଙ୍କର ଗଳ୍ପଗୁଡ଼ିକର ଭାବପକ୍ଷ, କଳାପକ୍ଷ ଓ ସ୍ୱାତନ୍ତ୍ର୍ୟ ସମ୍ପର୍କରେ ଆଲୋଚନା କରାଯାଇଅଛି ।

**ପ୍ରମୁଖ ଶବ୍ଦାବଳୀ :**

ଅତୀତପ୍ରୀତି, ସ୍ଥିତିବାଦ ଚେତନା, ଫ୍ରଏଡୀୟ ଚେତନା, ନାରୀ ସ୍ୱତନ୍ତ୍ରତା, ପୁରୁଷ ମନସ୍କ, ମୃତ୍ୟୁଚେତନା, ଆଧ୍ୟାତ୍ମିକତା ।

ଓଡ଼ିଆ ସାହିତ୍ୟ ଜଗତରେ ଜଣେ ବିଶିଷ୍ଟ ଗାଳ୍ପିକ ଭାବେ ପବିତ୍ର ପାଣିଗ୍ରାହୀ ସୁପରିଚିତ । ସେ ଏକା ଧାରରେ ଗାଳ୍ପିକ, ଔପନ୍ୟାସିକ, କବି, ପ୍ରାବନ୍ଧିକ, ସାହିତ୍ୟିକ, ସମାଲୋଚକ ଓ ଛାତ୍ରବତ୍ସଳ ଅଧ୍ୟାପକ ଭାବରେ ପାଠକ ମାନଙ୍କ ମହଲରେ ପରିଚିତ । ଏହି ସାରସ୍ୱତ ପ୍ରତିଭାଙ୍କର ଜନ୍ମ ୫ ଜୁନ୍ ୧୯୬୩ ମସିହାରେ ଭଦ୍ରକ ଜିଲ୍ଲା ଏରଡା ଗ୍ରାମରେ । ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କର ପିତା କମଳାକାନ୍ତ ପାଣିଗ୍ରାହୀ ଓ ମାତା ଉମାମଣି ପାଣିଗ୍ରାହୀ । ପବିତ୍ର ପାଣିଗ୍ରାହୀ ବାଲିଖଣ୍ଡ ଉଚ୍ଚ ବିଦ୍ୟାଳୟରୁ ହାଇସ୍କୁଲ ଶିକ୍ଷା ସମାପନ କରିଥିଲେ । ପରବର୍ତ୍ତୀ ସମୟରେ ଭଦ୍ରକ କଲେଜରୁ ଇତିହାସରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ଏହା ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇତିହାସରେ ସ୍ନାତକୋତ୍ତର ଶିକ୍ଷା ଶେଷ କଲେ । ୧୯୮୫ ଜାନୁଆରୀରେ ସେ ବି.ଏନ.ଏମ.ଏ କଲେଜ, ପାଳିଆବିନ୍ଧା, ଭଦ୍ରକର ଇତିହାସ ବିଭାଗରେ ଅଧ୍ୟାପକ ଭାବେ ଯୋଗଦାନ କରନ୍ତି । ପରବର୍ତ୍ତୀ ସମୟରେ ଇତିହାସ ବିଭାଗର ବିଭାଗମୁଖ୍ୟ ରୂପେ ନିଜର କାର୍ଯ୍ୟ ତୁଲାଇ ଅଛନ୍ତି । ବର୍ତ୍ତମାନ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ସମ୍ପ୍ରତି ଭଦ୍ରକ ଜିଲ୍ଲାରେ ଅବସ୍ଥିତ ଧାମନଗର ମହାବିଦ୍ୟାଳୟର ଅଧକ୍ଷ ଭାବେ କାର୍ଯ୍ୟରତ । ଆହୁରି ମଧ୍ୟ ଗାଳ୍ପିକ ବିଭିନ୍ନ ଅନୁଷ୍ଠାନ, ସଂଗଠନ, ସମ୍ପାଦକ ଭାବରେ ନିଜର କାର୍ଯ୍ୟ ଦକ୍ଷତା ଦେଖାଇ ବହୁ ପ୍ରସଂଶାର ପାତ୍ର ହୋଇ ପାରିଛନ୍ତି । ଗାଳ୍ପିକ ପାଣିଗ୍ରାହୀ ସମ୍ପ୍ରତି ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ ଅଛନ୍ତି । ପାଣିଗ୍ରାହୀ ଭଦ୍ରକ ସାହିତ୍ୟ ସଂସ୍କୃତି ପରିଷଦର ପ୍ରାକ୍ତନ ସମ୍ପାଦକ ଏବଂ ରାଜ୍ୟସ୍ତରୀୟ କବି ବସନ୍ତ ମୁଦୁଲି ସ୍ମୃତି ସଂସଦର ପ୍ରତିଷ୍ଠାତା । ସମ୍ପ୍ରତି କବି ବସନ୍ତ ମୁଦୁଲି ସ୍ମୃତି ସଂସଦର ସଭାପତି ଅଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ମୁଖପତ୍ର 'ବାଣୀବିକାଶ'ର ସମ୍ପାଦନ ସହ 'ଝରଣ' ', 'ନାବିକ'ଓ ସମ୍ଭ୍ରାନ୍ତ ଗଳ୍ପ ପତ୍ରିକା 'ଗଳ୍ପଘର'ର ସମ୍ପାଦକ ଭାବେ ସୁନାମ ଅର୍ଜନ କରିଛନ୍ତି । ଆକାଶବାଣୀ ଓ ଦୂରଦର୍ଶନରେ ତାଙ୍କର ଅନେକ କାର୍ଯ୍ୟକ୍ରମ ପ୍ରଚାରିତ ଓ ପ୍ରସାରିତ ହୋଇଛି । ଭଦ୍ରକର ମୋଗଲ ତାମସା ଉପରେ ସେ ୟୁଜିସି ଅନୁଦାନ

**ଯୋଗାଯୋଗ : ବିପଦ କୁମାର ବାରିକ,** ଗବେଷକ,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ
ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର, ଓଡ଼ିଶା
Email : bipadkumarbarik96@gmail.com
ORCID ID:https://orcid.org/0009-0006-6213-2107

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୨.୨୦୨୪ | ୧୦.୦୨.୨୦୨୫ | ୨୫.୦୩.୨୦୨୫ | ୧.୦୪.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବାରିକ, ବିପଦ କୁମାର; ୨୦୨୫। : ଗାଳ୍ପିକ ପବିତ୍ର ପାଣିଗ୍ରାହୀ: ଏକ ଅନୁଶୀଳନ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : କ; ପୃଷ୍ଠା :୧୬-୨୪।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15253297

Article No - BPP00283

କ୍ରମେ ଏମ୍.ଆର.ପି କରିଛନ୍ତି । ଯାହା ପ୍ରକାଶିତ ହୋଇସାରିଛି । ଓଡ଼ିଆ ପାଠକ ମାନଙ୍କ ନିକଟରେ ପବିତ୍ର ପାଣିଗ୍ରାହୀ ସାହିତ୍ୟର ବହୁବିଧ ଦିଗରେ ହାତ ଦେଇ ବେଶ୍ ପରିଚିତ ହୋଇଛନ୍ତି । ମୁଖ୍ୟତଃ ଜଣେ ସଫଳ ଗାଳ୍ପିକ ହେଲେ ମଧ୍ୟ ଉପନ୍ୟାସ, କବିତା, ପ୍ରବନ୍ଧ, ଜୀବନୀ, ଅନୁବାଦ, ଫିଚର, ଆଦି ବହୁ ବିଭାଗ ଦ୍ୱାରା ତାଙ୍କର ଲେଖକ ଜୀବନର ସ୍ଫୁରଣ ଘଟିଅଛି । ତାଙ୍କ ଦ୍ୱାରା ରଚିତ ୧୩ଟି ଗଳ୍ପ ସଙ୍କଳନ ଗୁଡିକ ଯଥାକ୍ରମେ :- 'ପ୍ରେମିକର ଦଶାବତାର' (୧୯୮୮), 'ଖରାପ ପାଗ' (୧୯୯୮), 'ହାଇଫେନ୍' (୨୦୦୦), 'ଏକା ଏକା ଅରୁନ୍ଧତୀ' (୨୦୦୧), 'ମନଅନ୍ଧାର' (୨୦୦୨), 'ସ୍ୱପ୍ନଚୋରି' (୨୦୦୬), 'ଅଫେରା ଜହ୍ନରାତି' (୨୦୦୭), 'ଛୁଇଁଲେ ପ୍ରେମ' (୨୦୦୮), 'ବରଂ ଅନ୍ଧାର ଭଲ' (୨୦୧୧), 'ଗପର ମୁହଁ (୨୦୧୩), 'ମିଛ ଘର' (୨୦୧୬), 'ପାଗ ବଦଳିଛି' (୨୦୧୯) ଓ 'ଶ୍ରେଷ୍ଠଗଳ୍ପ' (୨୦୧୯) । ଏହା ବ୍ୟତୀତ ତାଙ୍କର କବିତା ସଙ୍କଳନ ହେଉଛି – 'କଦମ୍ବ ବନର ସନ୍ୟାସୀ' (୧୯୯୨) । ଦୁଇଟି ଉପନ୍ୟାସ ହେଲା- 'ଡଅଁର' (୨୦୦୮) ଓ 'ମାନବେତର' ( ୨୦୨୧) । ଫିଚର ସଂକଳନ – 'କେତେ କଥା କେତେ ନଥା' (୨୦୦୩) । ସମାଲୋଚନା ପୁସ୍ତକ – 'ଜଗତୀକରଣ ଓ ଓଡ଼ିଆ ଗଳ୍ପ' (୨୦୧୩) । ଜୀବନୀ ପୁସ୍ତକ – 'ଐତିହାସିକ ମନ୍ମଥ ନାଥ' (୨୦୦୩) । ଅନୁଦିତ ପୁସ୍ତକ ଗୁଡିକ ହେଲା :- 'ସେବାସଦନ' (ଉପନ୍ୟାସ) -୨୦୦୬, 'କଳାପାଣି'(ଉପନ୍ୟାସ) -୨୦୦୭ ଓ 'ଭାରତର ସମ୍ବିଧାନ (୨୦୦୫) । ସମ୍ପାଦନ କ୍ଷେତ୍ରରେ ମଧ୍ୟ ତାଙ୍କର ଯଥେଷ୍ଟ ପରିଚୟ ଦେଖିବାକୁ ମିଳେ । ଯଥା - ସମ୍ପାଦିତ ଗଳ୍ପ ସଙ୍କଳନ ଗୁଡିକ ହେଲା – 'ଗଳ୍ପଝର ଗଳ୍ପଗୁଚ୍ଛ' (୨୦୦୩), 'ମୋହ' (୨୦୦୫), 'ମିଛ' (୨୦୦୬), 'ଶେଷକଥା' (୨୦୦୬), 'ଦାମ୍ପତ୍ୟ କଥା' (୨୦୦୭), 'ପ୍ରେମିକା' (୨୦୧୦) ଓ 'ପ୍ରେମ ଗଳ୍ପ' (୨୦୧୦) । ପାଣିଗ୍ରାହୀଙ୍କ ସମ୍ପାଦିତ କବିତା ସଙ୍କଳନ ଗୁଡିକ ହେଲା – 'ଜଗନ୍ନାଥ ଦାସ ଗ୍ରନ୍ଥାବଳୀ' ୩ଖଣ୍ଡ (୨୦୧୧), 'ବସନ୍ତ ବର୍ଣ୍ଣବିଭା' (୨୦୧୨) ଓ 'ରମାକାନ୍ତ ରଥଙ୍କ ଶ୍ରେଷ୍ଠ କବିତା' ଆଦି ସମ୍ପାଦନ କ୍ଷେତ୍ରରେ ମଧ୍ୟ ତାଙ୍କର ବଳିଷ୍ଠ ସାହିତ୍ୟ ପ୍ରତିଭାର ଔଜ୍ଜଲ୍ୟତା ଦେଖିବାକୁ ମିଳେ।

ଏହି ସାରସ୍ୱତ ଲେଖନୀ ତାଙ୍କ ଜୀବନକୁ ସାହିତ୍ୟ ସାଧନାରେ ଉତ୍ସର୍ଗୀକୃତ କରିଥିବାରୁ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଛନ୍ତି । ଯଥା – ପବିତ୍ର ପାଣିଗ୍ରାହୀ ୧୯୯୨ ମସିହାରେ 'ଚନ୍ଦ୍ରଭାଗା ପୁରସ୍କାର', ୨୦୦୩ ରେ 'ମୁକ୍ତି ଗଳ୍ପ ସମ୍ମାନ' ଓ 'ଗୋକର୍ଣ୍ଣିକା ରଜତ ଜୟନ୍ତୀ ସମ୍ମାନ' । ୨୦୦୪ ରେ 'ବିଦ୍ୟୁତ୍ ପ୍ରଭା ସାହିତ୍ୟ ପ୍ରତିଭା ସମ୍ମାନ' ଓ 'ଦୂର୍ଗାମାଧବ ଗଳ୍ପ ପୁରସ୍କାର' ଏବଂ 'ସୁଧନ୍ୟା ଗଳ୍ପ ସମ୍ମାନ'ରେ ସମ୍ମାନୀତ ହେଇ ଥିଲେ । ୨୦୦୯ ରେ 'ଧାନଫୁଲ ଗଳ୍ପ ସମ୍ମାନ', ୨୦୧୦ ରେ 'ଅବସର ବିଷୁବ ମିଳନ ପୁରସ୍କାର, ୨୦୧୧ ରେ 'ଫକୀର ମୋହନ ସାହିତ୍ୟ ପରିଷଦ ଗଳ୍ପ ପୁରଷ୍କାର', ୨୦୧୨ ରେ 'ବିଷୁବ ପରିଷଦ ଦେବଭୂମି ଭଦ୍ରକ ସମ୍ମାନ', 'ରାଜଧାନୀ ପୁସ୍ତକ ମେଳା ପୁରସ୍କାର', 'ଉତ୍କଳ ବିକାଶ ସମ୍ମାନ', 'ରାଗରଙ୍ଗ ସମ୍ମାନ', 'ଟାଇମ୍ ପାସ୍ ? ବେଷ୍ଟ ସେଲର ଆୱାର୍ଡ' ଓ ୨୦୧୫ ମସିହାରେ ଗଳ୍ପ ସଙ୍କଳନ 'ଗପର ମୁହଁ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଛନ୍ତି ।

୧୯୮୦ ମସିହାଠାରୁ ଅଦ୍ୟାବଧି ଲେଖି ଆସୁଥିବା ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଓଡ଼ିଆ ସାହିତ୍ୟ ଜଗତରେ ଜଣେ ଆଗଧାଡ଼ିର ବରିଷ୍ଠ ଗାଳ୍ପିକ ଭାବେ ସୁପରିଚିତ । ଗାଳ୍ପିକ କଥାବସ୍ତୁ ଚୟନରେ ବେଶ୍ ସଚେତନ ଏବଂ ତାହାର ସଫଳ ପରିବେଷଣ ଦିଗରେ ମଧ୍ୟ ଖୁବ୍ ଯତ୍ନଶୀଳ। ଘଟଣା ଅପେକ୍ଷା ହୃଦୟାବେଗ ତାଙ୍କ ଗଳ୍ପରେ ଅଧିକ ଗୁରୁତ୍ୱପୂର୍ଣ ମନେହୁଏ । ଅତୀତ ପ୍ରୀତି, ରୋମାଣ୍ଟିକ ଭାବାବେଗ, ସ୍ଥିତିବାଦ ଚେତନା, ଫ୍ରଏଡୀୟ ଚେତନା, ନାରୀ ଓ ପୁରୁଷ ମଧ୍ୟରେ ସମ୍ପର୍କ, ପ୍ରେମରେ ପ୍ରାପ୍ତି ଅପେକ୍ଷା ତ୍ୟାଗ ଓ କାବ୍ୟକ ବର୍ଣନା ରୀତିରେ ତାଙ୍କ ଗଳ୍ପ ସରସ ଓ ସୁନ୍ଦର । ଗାଳ୍ପିକଙ୍କର ଗଳ୍ପ ଗୁଡିକକୁ ଭାବପକ୍ଷ, କଳାପକ୍ଷ ଓ ସ୍ୱାତନ୍ତ୍ର୍ୟ ଦୃଷ୍ଟିକୋଣରୁ ଆଲୋଚନା କରାଯାଇଅଛି ।

## ପବିତ୍ର ପାଣିଗ୍ରାହୀଙ୍କ ଗଳ୍ପର ଭାବପକ୍ଷ

### ସମାଜିକ ଗଳ୍ପ:

ସମାଜ-ସାହିତ୍ୟ-ମଣିଷ ପରସ୍ପର ପରିପୂରକ । ସମାଜରେ ଘଟୁଥିବା ନାନବିଧ ଘଟଣା ସୃଜନଶୀଳ ମଣିଷ ମାଧ୍ୟମରେ ସାହିତ୍ୟରେ ରୂପ ପାଏ । ଜଣେ ଅନ୍ୟ ଜଣଙ୍କୁ ଗ୍ରହଣ କରି ସମୃଦ୍ଧ ହୋଇଥାଏ । ସାମାଜିକ ଆବଶ୍ୟକତାରୁ କ୍ଷୁଦ୍ରଗଳ୍ପର ସୃଷ୍ଟି । ଗଳ୍ପ ବ୍ୟକ୍ତି ଜୀବନର ବର୍ଣ୍ଣନାକାରୀ । ଗଳ୍ପରେ ମଣିଷ ଜୀବନର ଆଂଶିକ ଅଭାବବୋଧ ଓ ମହନୀୟତାକୁ ପ୍ରକାଶ କରାଯାଇଥାଏ । ଅନେକ ଆବେଗ ଭିତରୁ ଯେମିତି ଏକ ପରିପୂର୍ଣ ଇଚ୍ଛାଶକ୍ତି ସୃଷ୍ଟି ହୋଇଥାଏ ସେମିତି ଅନେକ ଗଳ୍ପ ଭିତରୁ କ୍ଷଣଭଙ୍ଗୁର ଜୀବନକୁ ଅନୁଭବ କରିହୁଏ । ପବିତ୍ର ପାଣିଗ୍ରାହୀ ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳୀକୁ ଆଧାର କରି ଅନେକ ଗଳ୍ପ ରଚନା କରିଛନ୍ତି । ଏହି ସମାଜ ଭିତରେ ଦେଖା ଦେଇଥିବା ବ୍ୟତିକ୍ରମ, ବିଧିବ୍ୟବସ୍ଥା, ବ୍ୟକ୍ତି ଜୀବନ, ଗୋଷ୍ଠୀଗତ ସମସ୍ୟା, ଧର୍ମ ସମସ୍ୟା, ଖାଦ୍ୟ ସମସ୍ୟା, ଅନ୍ଧ ବିଶ୍ୱାସ ଓ କୁସଂସ୍କାର ଆଦି ଗଳ୍ପ ଗୁଡିକ, ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ଗଳ୍ପରେ ଦେଖିବାକୁ ମିଳେ । ସେ ସମାଜକୁ ଆଧାର କରି ରଚନା କରିଥିବା ଗଳ୍ପ ଗୁଡିକ ହେଲା – 'ଗପର ମୁହଁ', 'ନିଜେ ହିଁ କେବଳ', 'ଅବବୋଧ', 'ଝିଅ', 'ମେଘମୁକ୍ତି', 'ଶେଷରୁ ଆରମ୍ଭ', 'ଶଙ୍କର ଢାବା', 'ସଂଜୟର ସଂସାର', 'ଶାଳଫୁଲର ବାସ୍ନା', 'ସ୍ୱପ୍ନରେ ସାରା ରାତି',

'ଉଚ୍ଚାମଣିଷ', 'ଦୃଶ୍ୟାନ୍ତରର ଦୃଶ୍ୟ', 'ଭଲରେ ଥାଅ ବନଲତା', 'ଛାଇଲେଉଟା', 'ଚେର', 'ଆରତୀ', 'ବିଲଭୋଜି', 'ଲୋକଟା', 'ହିମାଳୟ, 'ଜୋକ୍', 'କଥାଥିଲା', 'କଲେକ୍ଟର',' ଝର୍କା', 'ସିଡ଼ି', 'ଲୁଚକାଳି' , 'ପ୍ରବାହ' , 'ଚହଲାଛାଇ', 'ସ୍ୱର୍ଗସ୍ୱପ୍ନ' , 'କଳିଯୁଗ' ଓ 'କ୍ଷତି' ଇତ୍ୟାଦି ଗଳ୍ପ ଗୁଡିକରେ ସମାଜ ଓ ସମୟର ସ୍ୱର ଆମେ ଦେଖିବାକୁ ପାଇଥାଉ ।

**ପାରିବାରିକ ଗଳ୍ପ:**

ପରିବାର ଠାରୁ ହିଁ ମଣିଷ ଜୀବନ ଆରମ୍ଭ ହୁଏ । ଛୋଟ ଶିଶୁଟିଏ ଯେତେ ବେଳେ ଆଲୋକ ଦର୍ଶନ କରେ, ପ୍ରଥମେ ମାଆ କୋଳ ତାପରେ ଯାଇ ପରିବାର । ସମାଜରେ ସମସ୍ତ ଘଟଣା, ଦୁର୍ଘଟଣା, ହସ, କାନ୍ଦ, କଳହ ଆଦି ପରିବାର ଠାରୁ ସୃଷ୍ଟି ହୋଇ ସମାଜକୁ ବ୍ୟାପିଥାଏ । ତେଣୁ ପାରିବାରିକ ଗଳ୍ପ ଓଡ଼ିଆ ସାହିତ୍ୟରେ ପର୍ଯ୍ୟାପ୍ତ ପରିମାଣରେ ଦେଖିବାକୁ ମିଳେ । ବହୁ ଗାଳ୍ପିକ ପରିବାରକୁ ଆଧାର କରି ଗଳ୍ପ ରଚନା କରିଥାନ୍ତି । ସେଥିମଧ୍ୟରୁ ପବିତ୍ର ପାଣିଗ୍ରାହୀ ବାଦ୍ ପଡିବେ ବା କିପରି । ସମାଜରେ ଛୋଟ ଓ ବଡ଼ ପରିବାର ମଧ୍ୟରେ ଘଟୁଥିବା ସମସ୍ତ ଘଟଣାକୁ ଗାଳ୍ପିକ ତାଙ୍କ ଗଳ୍ପରେ ଦେଖେଇଛନ୍ତି । ପାରିବାରିକ ଜୀବନରେ ହସ, କାନ୍ଦ, ଦୁଃଖ, ସୁଖ ଓ ସଂଘର୍ଷ ଚିତ୍ରକୁ ଖୁବ୍ ବଳିଷ୍ଠ ଭାବରେ ଗାଳ୍ପିକ ତାଙ୍କ ଗଳ୍ପ ଗୁଡିକରେ ବର୍ଣ୍ଣନା କରିଛନ୍ତି । ଗାଳ୍ପିକ ପବିତ୍ର ପାଣିଗ୍ରାହୀ ରଚନା କରିଥିବା ପାରିବାରିକ ଗଳ୍ପ ଗୁଡିକ ହେଲା – 'ମାଆ ତୁ ଖୁସିତ', 'ଛାଇଲେଉଟା', 'ବୋଉ ଆସିଛି', 'ବାପା ମୋତେ ନେଇ ଚାଲ', 'ସମୟର ଚିତ୍ରପଟ', 'ପାଚେରୀ' ଓ 'ମଲ୍ଲିଫୁଲ' ଆଦି ଗଳ୍ପ ଗୁଡିକରେ ପାରିବାରିକ ଜୀବନରେ ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଦେଖିବାକୁ ମିଳିଥାଏ।

**ଆବେଗପ୍ରଧାନ ଗଳ୍ପ:**

ସରଳ ଭାବରେ କହିଲେ ମଣିଷ କୌଣସି ନା କୌଣସି ଗୋଟିଏ ଆବେଗ ବା ଭାବ ସହିତ ଯୋଡ଼ି ଥାଏ। ମଣିଷ ମନର ଆବେଗ ଓ ମନରସ୍ଥିତି ଆବେଗିକ ଗଳ୍ପରେ ରୂପାୟିତ। ଏହି ଭଳି ଗଳ୍ପରେ ଏକ ଜୀବନ୍ତ ପରିବେଶ ସୃଷ୍ଟି କରାଯାଇ ଚରିତ୍ର ଓ ଘଟଣା ସାର୍ଥକ ସଂଯୋଜନା କରାଯାଏ। ଫଳରେ ଏଥିରେ ଗାଳ୍ପିକର ଭାବବୃଦ୍ଧି ଓ ପ୍ରତୀତି ଅତ୍ୟନ୍ତ ସ୍ୱଷ୍ଟ ଓ ବିକଶିତ ରୂପ ଧାରଣ କରେ। ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କର 'ପାପର ସଂଜ୍ଞା', 'ନିନ୍ଦିତ ନାୟକ', 'ମୁହାଁସ', 'ଘରମଣି', 'ପାଦଚିହ୍ନ', 'ଅବଶୋଷ', 'ଛବି', 'ଝର୍କା', ଓ 'ଫୁଲଗଛ' ଆଦି ଗଳ୍ପରେ ଏହି ଆବେଗ ଓ ଭାବଟିକୁ ଉପଲବ୍ଧ କରାଯାଇପାରିବ ।

**ମାନବଧର୍ମୀ ଗଳ୍ପ:**

ସମଗ୍ର ସମାଜ ଓ ସଭ୍ୟତାକୁ ଜଗତୀକରଣ ଗ୍ରାସକରି ସାରିଥିବା ବେଳେ, ମଣିଷର ମାନବିକତା ପ୍ରସଙ୍ଗରେ କିଛି କହିବା ବା ଲେଖିବା ଏକ ହାସ୍ୟାସ୍ପଦ ମନେହୁଏ ଓ ତଥାପି ଏହି ପୃଥ‌ିବୀରେ କେତକ ଲୋକମାନଙ୍କ ମଧ୍ୟରେ ମାନବିକତା ବଂଚିଥ‌ିବା ଯୋଗୁଁ ଆଜି ଆମ ସମାଜ ଏକ ସବୁଜ ସୁନ୍ଦର ହୋଇଅଛି । ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଏହି ମାନବିକତାକୁ ନେଇ କେତେ ଗୁଡିଏ ଗଳ୍ପ ଲେଖୁଛନ୍ତି 'ଗପପରି', 'ମୁହାଁସ', 'ଛବି', 'ନଟେଇ', 'ବଡପଣ', 'ଫୁଲଗଛ', 'ଭଇଁଚ କୋଳି', 'ପାପର ସଂଜ୍ଞା', 'ଗାନ୍ଧୀ କହିଥିଲେ', 'ପ୍ରବାହ', 'ଅବବୋଧ', 'ଉଚ୍ଚାମଣିଷ' ଓ 'ପୂର୍ଣ୍ଣଗର୍ଭା' ଇତ୍ୟାଦି ଗଳ୍ପରେ ମଣିଷର ମାନବିକତା ଦେଖ‌ିବାକୁ ପାଇବା।

**ପ୍ରେମମୂଳକ ଗଳ୍ପ:**

ପ୍ରେମ ହୃଦୟର କୋମଳତମ ଭାବ। ଏହି ସୂକ୍ଷ୍ମଭାବ ମଣିଷ ଜୀବନରେ ବଞ୍ଚିବାର ଉତ୍ପାଦନା ଜୁଟାଇଥାଏ। ପ୍ରେମ ନାହିଁ ତ ପୃଥିବୀ ନାହିଁ । ପ୍ରକୃତି ଓ ପୁରୁଷର ପ୍ରେମରୁ ପୃଥିବୀର ସୃଷ୍ଟି। ଆକାଶରୁ ଝରି ପଡୁଥିବା ଚନ୍ଦ୍ରକିରଣ, ପଥର କୋଳରେ କେଶ ଫିଟାଇ ମୁଣ୍ଡ ବାଢ଼େଉଥିବା ଝରଣା ସବୁତ ପ୍ରେମରୁ ସୃଷ୍ଟି । ପ୍ରେମ ମଣିଷକୁ ମହାପୁରୁଷରେ ପରିଣତ କରେ, ପୁଣି ଅପ୍ରେମ ମଣିଷକୁ ସମାଜହରା ଦାର୍ଶନିକ ସଜେଇ ଦିଏ। ପ୍ରେମ ଏକ ତପସ୍ୟା ଯାହାକୁ ସାଧନା ମାଧ୍ୟମରେ ପାଇହୁଏ। ଯୁବାବସ୍ଥାରୁ ବୃଦ୍ଧାବସ୍ଥା ଯାଏ ପ୍ରେମ ପୃଥିବୀରେ ହୃଦୟ ଯୋଡ଼ି ଚାଲିଥାଏ। କେତେବେଳେ ସ୍ୱାମୀ ସିନ୍ଦୂର ହୋଇ ଶୋଭାପାଏ। ପୁଣି କେତେ ବେଳେ ପ୍ରେମିକ ଛାତିରେ ରକ୍ତ ହୋଇ ଝରୁଥାଏ । ପ୍ରେମିକଟି ଖାସ୍ ପ୍ରେମିକ ହୋଇ ରହି ଯାଏ । ପ୍ରେମ ବହୁତ୍ କଷ୍ଟ ଦିଏ। ତଥାପି ସେ ଆଣ୍ଠୁ ଗଣ୍ଠି ଛିଡ଼ାଇ ପ୍ରେମ କରେ। ପ୍ରେମକୁ ପ୍ରେମିକ ଧୂ ଧୂ ପାଉଁଶ ତଳୁ ସାଉଁଟି ପ୍ରେୟସୀ ପାଇଁ କବିତା ଓ ଗପ ଲେଖେ। ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଏହି ପ୍ରେମକୁ ନେଇ ଅନେକ ଗୁଡିଏ ଗପ ଲେଖୁଛନ୍ତି। ଯଥା – 'ଛୁଇଁଲେ ପ୍ରେମ', 'ଆକସ୍ମିକ', 'ସୁଖୀଲୋକ', 'ହୃଦୟ', 'ପ୍ରେମିକା ସହରରେ ପାଦଥାପି ଦେଲେ', 'ତମେ ଆଜି କାଲି ଏତେ ଅନ୍ୟମନସ୍କ କିଆଁ ପିନାଲୀ', 'ବିମର୍ଷରେ ଗୋଟେ ଖରାବେଳ', 'ଦିନଥ‌ିଲା ଚାହିଁ ଦେଲେ କୃଷ୍ଣଚୂଡ଼ା ଗଛରେ ଫୁଲ ଫୁଟିଥିଲା', 'ଦ୍ରାବିଡ଼ମିଶ୍ର ଗଳ୍ପ', 'ନିଜ ଠିକଣା ଖୋଜୁଥିବା ଲୋକ', 'ତନୁତୀର୍ଥ', 'ନୈଶାଭିସାର' ଓ 'ଶେଷରୁ ଆରମ୍ଭ' ଗଳ୍ପଗୁଡିକରେ ପ୍ରେମର ଶୂନ୍ୟତା ଭିତରେ ଗୋଟେ ପୂର୍ଣ୍ଣତା ମିଳିଥାଏ ପାଣିଗ୍ରାହୀଙ୍କ ଗଳ୍ପରେ।

### ଦାମ୍ପତ୍ୟ ଜୀବନର ଅଙ୍ଗୀକାରବଦ୍ଧତା:

ନାରୀ ଓ ପୁରୁଷ ସମାଜ ରୂପକ ଶଗଡ଼ରେ ଦୁଇଟି ଚକ । ଗୋଟିଏକୁ ଛାଡ଼ି ଅନ୍ୟଟିର ସ୍ଥିତି ଶୂନ୍ୟ ହୋଇଯାଏ। ଅର୍ଥାତ୍ ଶଗଡ଼ ସୁରୁଖୁରୁରେ ଚାଲି ପାରେ ନାହିଁ। ନାରୀ ଓ ପୁରୁଷ ଦୁଇଜଣ ମିଶିଲେ ପୂର୍ଣାଙ୍ଗ ସ୍ତମ୍ଭ ସୃଷ୍ଟି ହୁଏ। ମଜଭୁତ ଆଲୋକରେ ଜ୍ୟୋତି ସ୍ତମ୍ଭ ହୁଏ। ବେଦ କହେ ପ୍ରଜାପତି ବ୍ରହ୍ମା ନାରୀ ଓ ପୁରୁଷ ଏକ ସଂଘରେ ସୃଷ୍ଟି କରିଥିଲେ, ତାଙ୍କ ସଂସାର ରୂପକ ରଥକୁ ଆଗକୁ ନେଇ ଯିବା ପାଇଁ । ପୁରୁଷ ଓ ନାରୀ କେହି କାହା ଠାରୁ କମ ନୁହନ୍ତି। ସମକକ୍ଷ ସେମାନେ। ନୀତିନିୟମ ଶୃଙ୍ଖଳାର ବନ୍ଧା ଏ ଜୀବନ। ସ୍ନେହ, ଶ୍ରଦ୍ଧା, ପ୍ରେମ, ବାତ୍ସଲ୍ୟ, ମମତା ଏସବୁ ଏକତ୍ରୀକରଣ କରିବା ପାଇଁ ସୃଷ୍ଟି ହୁଏ ନାରୀ ପୁରୁଷର ବିବାହ ବନ୍ଧନ। ବ୍ରାହ୍ମଣ ମନ୍ତ୍ର ଧ୍ୱନି ହେଉ ବା ମନ୍ଦିର, ମସଜିଦ ହେଉ ବା ଅଦାଲତ ହେଉ ବିବାହ ବନ୍ଧନରେ ବାନ୍ଧି ହୋଇ ଦାମ୍ପତ୍ୟ ଜୀବନ ଆରମ୍ଭ କରନ୍ତି । ପୁରୁଷ ଓ ନାରୀକୁ ମିଳେ ସାମାଜିକ ସ୍ୱୀକୃତି। ଲଗାମଛଡା ଜୀବନ ହୁଏ ଶୃଙ୍ଖଳିତ । ବିବାହ କଲେ ଟଣାଯାଏ ସଂଯମର ସୀମା ରେଖା। ଦାମ୍ପତ୍ୟ ଜୀବନ ଏକ ସ୍ୱର୍ଗୀୟ ସୁଧା। ସେ ସୁଖ ପାଇବାକୁ ହେଲେ ପରସ୍ପର, ପରସ୍ପର ପ୍ରତି ସମର୍ପଣ ଭାବ ବିନିମୟ ଏକାନ୍ତ ଅପରିହାର୍ଯ୍ୟ । ତେବେ ପ୍ରେମ ଯାଇ ପ୍ରେମ ପ୍ରଣୟର ସୁନା ସଂସାର। ଏହି ଦୃଷ୍ଟିକୋଣରୁ ଦେଖିଲେ ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ଗଳ୍ପ ଗୁଡିକ ହେଲା – 'ବଡପଣ', 'ଫଗୁଆ', 'ଲୁଚକାଳି', 'ଖରାପ ପାଗ', 'ଏକା ଏକା ଅରୁନ୍ଧତୀ', 'ହାଇଫେନ୍', 'କୁହେଳି' ଓ 'ଅନ୍ତିମ ମାର୍ଗ' ଆଦି ଗଳ୍ପରେ ଦାମ୍ପତ୍ୟ ଜୀବନର ଏକ ସଫଳ ଚିତ୍ର ଦେଖିବାକୁ ମିଳେ।

### ନାରୀ ସ୍ୱାତନ୍ତ୍ର୍ୟ:

ସମୟ ପରିବର୍ତ୍ତନ ଇତିହାସରେ ନାରୀର ସଂଜ୍ଞାରେ ମଧ୍ୟ ପରିବର୍ତ୍ତନ ଆସିଛି। ବୈଦିକ ଯୁଗରେ ତଥା ପୁରାଣ ଯୁଗରେ ନାରୀ ଥିଲା ଐଶ୍ୱର୍ଯ୍ୟ, ଶକ୍ତି ଓ ସମ୍ମାନର ପ୍ରତୀକ । ନାରୀମାନଙ୍କର ଉପଯୁକ୍ତ ସମ୍ମାନରେ ଦେବତା ଶାନ୍ତି ଲାଭ କରନ୍ତି ବୋଲି ଏକ ଧାରଣା ଆମ ସମାଜରେ ସୃଷ୍ଟି ହୋଇଥିଲା। ବିଜ୍ଞାନର ବିକାଶ ପରେ ପରେ ବସ୍ତୁବାଦୀ ସଭ୍ୟତାର ନାରୀର ରୂପରେଖ ଧୀରେ ଧୀରେ ପରିବର୍ତ୍ତିତ ହେବାକୁ ଲାଗିଲା। ସାମାଜିକ ତଥା ପରିବାର ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ନିମିତ୍ତ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେଲେହେଁ ପୁରୁଷ ପ୍ରଧାନ ସମାଜରେ ନାରୀର ଉପଯୁକ୍ତ ମୂଲ୍ୟ ଓ ସମ୍ମାନ ପ୍ରଦର୍ଶନ କରାଯାଇ ପାରିନାହିଁ । ନାରୀ କେବଳ ଏକ ଭୋଗ ଓ ବିଳାସର ସାମଗ୍ରୀ ରୂପେ ପରିଗଣିତ ହେଉଛି। ତା'ର ଅନ୍ତଃନିହିତ ପ୍ରତିଭାର ଯଥାର୍ଥ ଉପଯୋଗ କରାଯାଇ ପାରୁନାହିଁ। କିମ୍ବା ତା'ର ଅନ୍ତଃନିହିତ ପ୍ରତିଭାର ବିକାଶ ନିମିତ୍ତ ଉପଯୁକ୍ତ ପଦକ୍ଷେପ ନିଆଯାଇ ପାରୁନାହିଁ । ଅନ୍ତର୍ଜାତିକ ସ୍ତରରେ ନାରୀ ଜାଗରଣ ଓ ନାରୀ ପ୍ରଗତି ତଥା ମୁକ୍ତି ପାଇଁ ସ୍ୱର ଉତ୍ତୋଳିତ ହେଉଥିଲେ ହେଁ ତା'ର ସାକାର ରୂପ ପରିଲକ୍ଷିତ ହୋଇ ନାହିଁ । ତଥାପି ନାରୀ ଏହି ପୁରୁଷ ତାନ୍ତ୍ରିକ ସମାଜର ବନ୍ଧନରେ ଆବଦ୍ଧ ନହୋଇ ମୁକ୍ତ ଭାବରେ ଜୀବନ ଜିଇଁବାକୁ ଭଲ ପାଇଛି। ଏହି ନାରୀ ସ୍ୱାଧୀନ ଭାବକୁ ନେଇ ଓଡ଼ିଆ ଗଳ୍ପ ସାହିତ୍ୟରେ ଅନେକ ଗଳ୍ପ ରଚିତ ହୋଇଛି। ଏହି ଭାବକୁ ଆଧାର କରି ଗାଳ୍ପିକ ତାଙ୍କର ଅନେକ ଗଳ୍ପରେ ସେ ନାରୀକୁ ପୁରୁଷ ସହିତ ସମକକ୍ଷ ଭାବରେ ଉପସ୍ଥାପିତ କରିପାରିଛନ୍ତି। ତାଙ୍କର ଏହି ଧରଣର ଗପ ଗୁଡ଼ିକ ହେଲା – 'ଏକା ଏକା ଅରୁନ୍ଧତୀ', 'ମୁକ୍ତି', 'ମିଛ ସପନର ରାତି', 'ପ୍ରଥମା', 'ଘରମଣି', 'ଝିଅ', 'ଘଟଣା', 'ଉଜାଣି', 'ତୁମେ ଆଜି କାଲି ଏତେ ଅନ୍ୟମନସ୍କ କିଆଁ ପିନାଲୀ', 'ବଡପଣ', 'ଗପପରି', 'ପ୍ରଥମା', 'ଦେବୀ ପ୍ରତିମା', 'ବରଂ ଅନ୍ଧାର ଭଲ', 'ନଇ ନାଁର ଝିଅ', 'ପୂର୍ଣ୍ଣଗର୍ଭା' ଇତ୍ୟାଦି ଗଳ୍ପ। ଗାଳ୍ପିକ ପବିତ୍ର ପାଣିଗ୍ରାହୀ ନାରୀ ଜୀବନର ସମସ୍ୟା ପ୍ରତି ଖୁବ୍ ଆନ୍ତରିକ ଓ ମାନସିକ ଅନ୍ତଦୃଷ୍ଟିରୁ ପରିଚୟ ଦେଇଛନ୍ତି। ସେ ନାରୀକୁ ଘୃଣା କରି ନାହାନ୍ତି। ସମସ୍ତ ସମ୍ମାନ ଓ ସମବେଦନାରେ ସେ ନାରୀ ଚରିତ୍ରକୁ ବିଶ୍ଳେଷଣ କରିଛନ୍ତି। ପବିତ୍ର ପାଣିଗ୍ରାହୀଙ୍କ ଗଳ୍ପର ନାରୀ ଚରିତ୍ର କେବେ ବି ଦେବୀ ନୁହେଁ। ସେ ଏଇ ପୃଥିବୀର ରକ୍ତମାଂସ ଧାରୀ ମାନବୀ। ପୁରୁଷମାନଙ୍କ ଆଖିରେ ସେ ଯୌନ ସର୍ବସ୍ୱ ହୋଇ ପାରନ୍ତେ, କିନ୍ତୁ ସମସ୍ତ ଯୌନତା ଓ ଦେହବାଦ ସତ୍ତ୍ୱେ ତା' ଭିତରେ ଲୁଚି ବସିଛି ବୁଭୁକ୍ଷୁ । ପ୍ରେମ ପାଗଳିନୀ ମାତୃତ୍ୱ କାଂକ୍ଷିଣୀ ନାରୀଟିଏ। ସିଏ ଦାବି କରିଛି ଏ ପୃଥିବୀରେ ମଣିଷର ଅଧିକାର ବଞ୍ଚି ରହିବାର ଅଧିକାର । ଗାଳ୍ପିକ ନାରୀ ଚରିତ୍ରକୁ ଅନୁଭବ କରିବାକୁ ଚାହିଁଛନ୍ତି ଚରିତ୍ରଟିର ଭିତରୁ ଠିଆହୋଇ। ସମ୍ଭବତଃ ଗାଳ୍ପିକଙ୍କର ସମକାଳୀନ ଗାଳ୍ପିକମାନେ ନାରୀ ଚରିତ୍ରକୁ ତା'ଭିତରେ ଠିଆ ହୋଇ ଦେଖିବାର ଚେଷ୍ଟା କରିନାହାନ୍ତି। ସେ ଦୃଷ୍ଟିରୁ ଗାଳ୍ପିକ ପାଣଗ୍ରାହୀଙ୍କ ଗଳ୍ପ ସମସାମୟିକ ଗାଳ୍ପିକ ମାନଙ୍କଠାରୁ ସ୍ୱତନ୍ତ୍ର ଦାବିକରେ।

'ଏକା ଏକା ଅରୁନ୍ଧତୀ' ଗଳ୍ପରେ ଅରୁନ୍ଧତୀ ଗଳ୍ପ ନାୟିକା ପ୍ରତୀୟମାନ ହେଉଥିଲେ ହେଁ ଗାଳ୍ପିକ ଅତି ଚତୁରତାର ସହ ଇଶ୍ୱରୀର ଅବତାରଣା କରିଛନ୍ତି । ଅରୁନ୍ଧତୀର ବ୍ୟଥା ବେଦନା, ପ୍ରତିଟି ମୁହୂର୍ତ୍ତରେ ଉଚ୍ଛ୍ୱାସ ଏବଂ ସ୍ୱପ୍ନ , ଖିଆଲ ଓ ଭାବପ୍ରବଣତା ନିଛକ ଭାବେ ବର୍ଣ୍ଣନା କରାଯାଇଥିବା ବେଳେ, ପ୍ରେମର ମୃଣ୍ମୟୀ ମୂର୍ତ୍ତୀ ଇଶ୍ୱରୀକୁ ସତର୍କତାର ସହ ଆଢୁଆଳରେ ରଖାଯାଇଛି । ଯିଏ ସାମାନ୍ୟ ଆଘାତରେ ପାଦରୁ ଘୁଙ୍ଗୁର ଏବଂ ମୁଣ୍ଡରୁ ଫୁଲମାଳ ଖୋଲି କାଢ଼ି ପକାଇଛି । କେବଳ ଦୂରରୁ ଥରୁଟିଏ ଅରୁନ୍ଧତୀକୁ ଦେଖ ?ିବା ପାଇଁ ପ୍ରତି ଦିନ କଲେଜ ଆସନ୍ତି । ଆମ ସମସ୍ତଙ୍କ ପାଇଁ ଇଶ୍ୱରୀ କେବଳ ଏକ ଅନୁଭବ । ଏକ ଶାନ୍ତ ସ୍ନିଗ୍ଧ ଉପଲବ୍ଧି । ଅରୁନ୍ଧତୀ ଠିକ୍ ସେହିଭଳି ଅନୁଭବର ଠିକଣାରେ ଇଶ୍ୱରୀକୁ ସମର୍ପଣ କରିଦେଇ ପୂର୍ଣତା ଲଭିଛି। 'ମୁକ୍ତି' ଗଳ୍ପରେ ନାରୀର

ବିବାହ ପରବର୍ତ୍ତୀ ଜୀବନ ବର୍ତ୍ତମାନ ସମାଜରେ କିପରି ସନ୍ଦେହ, ଦ୍ୱନ୍ଦ ଓ ମାନସିକ ଯନ୍ତ୍ରଣାରେ ଜର୍ଜରିତ ତାହା ଗାଳ୍ପିକ ଦର୍ଶାଇଛନ୍ତି । ଏଣୁ ପାରିବାରିକ ସ୍ଥିତି ମଧ୍ୟରେ ନାରୀଟିଏ କିପରି ନିଃସଙ୍ଗତା ଅନୁଭବ କରୁଛି ତାହା ଉକ୍ତ ଗଳ୍ପରେ ବର୍ଣ୍ଣିତ । ଗାଳ୍ପିକ ପ୍ରକାଶ କରିଛନ୍ତି ଯେ, ପରିବାର ମଧ୍ୟରେ ନାରୀର ସ୍ୱାଧୀନତା ଯେପରି ଅପହୃତ ହୋଇଯାଇଛି । ତେଣୁ ସେ ସମାଜକୁ ବାର୍ତ୍ତା ଦେବା ଛଳରେ ଅଲିଭା ଚରିତ୍ରକୁ ଆଧାର କରି ପ୍ରତ୍ୟେକଟି ନାରୀ ଆଜିର ସମାଜରେ ସ୍ୱାବଲମ୍ବୀ ହେବା ଆବଶ୍ୟକ ବୋଲି ଦୃଢ଼ମତ ପୋଷଣ କରିଛନ୍ତି ।

## ମୃତ୍ୟୁଚେତନା:

ଜନ୍ମ ଓ ମୃତ୍ୟୁ ଦୁଇଟି ସ୍ଥିତିହୀନ ବିନ୍ଦୁ ହେଲେ ସେ ଦୁଇ ବିନ୍ଦୁକୁ ସଂଯୋଜିତ କରୁଥିବା ରେଖାଟି ହେଲା ଜୀବନ । ଜନ୍ମ ଆତ୍ମପ୍ରକାଶ ହେଲେ ମୃତ୍ୟୁହିଁ ଲୁପ୍ତି ନିର୍ବାଣ । ମଣିଷର ନିଜ ଏପରିକି ପିତାମାତା ନିର୍ବାଚନରେ କୌଣସି ସ୍ୱାଧୀନତା ନଥିବାରୁ କେହି କେହି ଆକସ୍ମିକତାରୁ ମଣିଷର ସୃଷ୍ଟି ବୋଲି କହୁଥିଲେ । ପ୍ରତ୍ୟେକଙ୍କର ଜନ୍ମ ପରି ମୃତ୍ୟୁ ନେପଥ୍ୟରେ ଥାଏ କିଛି ପ୍ରାକ୍ ନିର୍ଦ୍ଧାରିତ ଉଦ୍ଦେଶ୍ୟ । ଜନ୍ମ ତଥା ଜୀବନକୁ ମଣିଷ କିପରି ଭୋଗେ ସେ ବିଷୟରେ ଭାବିବାକୁ ତା'ର ଅବସର ଥିଲା ବେଳେ ଭୋଗୁଥିବା ମୃତ୍ୟ ବିଷୟରେ ପ୍ରକାଶ କରିବାର ସୁଯୋଗ ନଥାଏ । ମାତ୍ର ଜନ୍ମ ପରି ମୃତ୍ୟୁ କେବଳ ସତ୍ୟ ନୁହେଁ, ବରଂ ଏକ ଚରମ ସତ୍ୟ । ସେଇ ସତ୍ୟକୁ ସଭିଙ୍କୁ ସ୍ୱୀକାର କରିବାକୁ ହେବ । ତାହାଲେ ଯାଇ ପ୍ରେମପରି ସୁନ୍ଦର ମନେହେବ ମୃତ୍ୟ । ମୃତ୍ୟୁ ଅବଲୁପ୍ତିର ଅନ୍ଧକାରମୟ ସୁଡଙ୍ଗ ମଧ୍ୟରେ ଭିନ୍ନ ଏକ ସୂର୍ଯ୍ୟୋଦୟ ନୁହେଁ । ଗୋଟେ ପରିବ୍ୟାପ୍ତ ନିର୍ବାଣ, ମହାନିର୍ବାଣର ଏକ ବାଙ୍ମୟ ମୌନତା । ମୃତ୍ୟୁ ଶୂନ୍ୟତା ନୁହେଁ, ବରଂ ପୂର୍ଣ୍ଣତାର ଏକ ନିର୍ବିକଳ୍ପ ପରିପ୍ରକାଶ । ଉପନିଷେଦ କହେ, ମୃତ୍ୟୁ ମଣିଷର ଅମୋଘ ଭାଗ୍ୟ ହେଲେ ବି ତାରି ଭିତରେ ଥାଏ । କବି ରବୀନ୍ଦ୍ରନାଥଙ୍କ ପାଇଁ ମୃତ୍ୟୁ ବିଳାସ ଖୁବ୍ ରୋମାଣ୍ଟିକ୍ ମଧୁର ଓ ସୁନ୍ଦର । ମୃତ୍ୟୁ ହିଁ ଜୀବନର ଶୁଚିସ୍ନାନ । ଶାନ୍ତି ସମୁଦ୍ରରେ ଏକ ନିଶଙ୍କ ଯାତ୍ରା । ମୃତ୍ୟୁ ଜୀବନର ଏକ ବରଦାନ । ତାରି ମଧ୍ୟ ଦେଇ ଜୀବନର ପରିପୂର୍ଣ୍ଣତା । କବି ରମାକାନ୍ତ ରଥଙ୍କ ପାଇଁ ଜୀବନ ଏକ ନିରର୍ଥକ ଶୂନ୍ୟତା ହେଲେ, ମୃତ୍ୟୁ ନିଦାଘ ପରି ଦାରୁଣ । ସମୟର ଅନ୍ୟ ନାମ କାଳ । କାଳ ହିଁ ମୃତ୍ୟୁ । ବ୍ୟକ୍ତି ଜୀବନପରି ବିଶ୍ୱଗତ ମହାକାଳ ମଧ୍ୟ ଧ୍ୱଂସମୁଖୀ ମହାଭାରତର ଯକ୍ଷ ସମକ୍ଷରେ ମଧ୍ୟ ଯୁଧିଷ୍ଠିର ଉଦଘୋଷଣ କରିଥିଲେ ମୃତ୍ୟୁର ଚିରନ୍ତନ ସତ୍ୟତା । କବି ଗେଟେ, ସେକ୍ସପିୟର, ଓମରଖାୟାମ୍ ସମସ୍ତେ ସ୍ୱୀକାର କରିଛନ୍ତି ଏହି ସତ୍ୟଟିକୁ । ମୃତ୍ୟୁ ହିଁ ମଣିଷର ଅବଧାରିତ ଭାଗ୍ୟ । ଏକମାତ୍ର ଅନତିକ୍ରମ୍ୟ ନିୟତି । ଇଲିଅଟଙ୍କ ପାଇଁ ତାହା ଷ୍ଟିଲ ପଏଣ୍ଟ ବା ସ୍ଥିର ବିନ୍ଦୁ । କବିମାନଙ୍କ ମତରେ ଅପ୍ରତିହିତ ଗତି ମୁଖରେ କେବଳ ମୃତ୍ୟୁକୁ ହିଁ ଭେଟନ୍ତି । କବିବର ରାଧାନାଥ 'ମହାଯାତ୍ରା'ରେ ସେଥିପାଇଁ କହିଛନ୍ତି – ଜନ୍ମିବା ଆଗରୁ ସେହି କାଳ ଫାଶ ଗଳେ । ମୃତ୍ୟୁ ଧ୍ରୁବ ସତ୍ୟ ହେଲେ ମଧ୍ୟ ? କେବେ ଅନ୍ଧାର ନୁହେଁ । ମୃତ୍ୟୁ ଦେଦୀପ୍ୟମାନ ଦିବ୍ୟ ଆଲୋକ ଉତ୍ସର ଧାରା । ଯାହା କାଳୋତ୍ତୀର୍ଥ, ଚିରନ୍ତନ ଓ ଶାଶ୍ୱତ । ଯେଉଁଠି ସବୁ ଜୀବନ ଜ୍ୱାଳା, ବେଦନା, ଆତଙ୍କ ଓ ଯନ୍ତ୍ରଣାର ପରିସମାପ୍ତି । ମୃତ୍ୟୁରେ ହିଁ ମୁକ୍ତି । ମୁକ୍ତି ହିଁ ଶାନ୍ତି । ପରମ ଶାନ୍ତି । ମୃତ୍ୟୁ ଗୋଟେ ନିରବତା । ସେ ନିରବ ଭାଷା ବ୍ୟକ୍ତି ଜୀବନ ପାଇଁ ଯେତିକି ସତ୍ୟ, ସମଗ୍ର ମାନବ ଜୀବନ ପାଇଁ ମଧ୍ୟ ସେତିକି ସତ୍ୟ । ମୃତ୍ୟୁ ହିଁ ମଣିଷର ବ୍ୟକ୍ତିଗତ ଜୀବନ । ସମଗ୍ରମାନବ ସମାଜର ଶେଷକଥା । ମୃତ୍ୟୁର ସେଇ ଚିରନ୍ତନୀ ଭାଷା ଶେଷ ଓ ଚରମ ସତ୍ୟ । ମୃତ୍ୟୁ ଜୀବନରେ ପରିସମାପ୍ତି ନୁହେଁ, ପରିପୂର୍ଣ୍ଣତା ମଧ୍ୟ ନୁହେଁ । ବରଂ ଗୋଟେ ଉତ୍ତରଣ, ଯେଉଁ ଉତ୍ତରଣ ଦୁର୍ବୋଧ ଓ ରହସ୍ୟମୟ । ଏହି ଉତ୍ତରଣ ରହସ୍ୟମୟ ହେଲେ ମଧ୍ୟ ଖୁବ୍ ଅନ୍ତରଙ୍ଗ, ନିବିଡ଼, ଆକର୍ଷଣୀୟ ତଥା ସୁନ୍ଦର । ମୃତ୍ୟୁର ସେଇ ଆକର୍ଷଣୀୟ, ସୁନ୍ଦରତମ ଅନୁଭବକୁ ଆପଣେଇ ପାରିଲେ ହେଲା । ନପାରିଲେ ବି ଟିକେ ହୃଦୟ ଖୋଲି ତା' ଆଡ଼କୁ ବନ୍ଧୁତ୍ୱର ହାତ ବଢ଼େଇ ଦେଲା ହେଲା । ମୃତ୍ୟୁର ଶାଶ୍ୱତ ସୋପାନରେ ଆକାଂକ୍ଷିତ ଅମୃତର ସନ୍ଧାନରେ ବାହାରିବାକୁ ବହପ ବାନ୍ଧି ପାରିଲେ ହେଲା । ତାହା ହୋଇ ନଥିଲେ କ'ଣ କଥା ଶିଳ୍ପୀ କିଶୋରୀ ଚରଣ ଦାସ ଠାଏ କହିଥାନ୍ତି – "ଆମର ସନ୍ଦେହ ହେଉଛି ଯେ ତୁମେ ମୃତ୍ୟୁ ନୁହେଁ । ଜୀବନ ପରି ଆଉ ଗୋଟିଏ ଛଳନା ତୁମକୁ ନେଇ ମଧ୍ୟ ଗପ ଲେଖି ହେବ ।" ସତରେ କେତେ ଚମତ୍କାର ମୃତ୍ୟୁର ଏହି ଅନ୍ତରଙ୍ଗ ଓ ବିରଳ ଅନୁଭବ ।

ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ 'ମନ ଅନ୍ଧାର', 'ସମୟର ଚିତ୍ରପଟ', 'ଦିନେ କ'ଣ ହେଲାନା ସ୍ୱପ୍ନ ସମ୍ରାଟ', 'ଖରାପ ପାଗ' ଇତ୍ୟାଦି ଗଳ୍ପରେ ଆମ୍ଭେମାନେ ଏହି ମୃତ୍ୟୁଚେତନାଟିକୁ ଦେଖିବାକୁ ପାଇବା । 'ମନ ଅନ୍ଧାର' ଗଳ୍ପର ମୁଖ୍ୟ ଚରିତ୍ର ଧର୍ମପ୍ରାଣ ଜଟିଆ ମା' ପଚା ମାଛଟେ ପରି ପଡ଼ି ରହିଥିଲା । ଖାଲି ଯା ନିଶ୍ୱାସଟା ଚାଲିଥିଲା । ସେଇ ସେତିକି । କୋମା ଅବସ୍ଥାରେ ପଡ଼ିଥିବା ବୁଢ଼ୀଟି ତା'ର ସାନବୋହୂ ପାଖରେ ଅତୀତରେ କରିଥିବା ଦୁଇଟି ଗୋପନୀୟ ପାପକୁ ପ୍ରକାଶ କରି ଦେଲା ପରେ ସଙ୍ଗେ ସଙ୍ଗେ ତା'ର ପ୍ରାଣବାୟୁ ଉଡ଼ି ଯାଇଥିଲା । ଯେଉଁ ବୁଢ଼ୀ ସମଗ୍ର ଗାଁର ଆଦର୍ଶ ପୁଣ୍ୟବତୀ, ଧର୍ମପ୍ରାଣ ମହିଳା । ଜଟିଆ ମା'ର ମୃତ୍ୟୁ କାଳୀନ ପ୍ରଳଂବିତ ଯନ୍ତ୍ରଣା ଅନ୍ୟମାନଙ୍କ ପାଇଁ ପାପ ପୁଣ୍ୟର ପରିଭାଷାରେ ପରିଣତ ହୋଇଛି । ଶେଷରେ ଯନ୍ତ୍ରଣାକ୍ତ ମୃତ୍ୟୁରୁ ମୁକ୍ତି ପାଇଁ ବୁଢ଼ୀ ଗ୍ରହଣ କରି ନେଇଛି କୁହୁଳୁଥିବା ପାପର ଉନ୍ମୋଚନ ପରିଭାଷାକୁ । ଜୀବନରେ କରିଥିବା ଦୁଇଟି ପାପ ? ମୃତ୍ୟୁ ପାଇଁ କେତେ ମୂଲ୍ୟବାନ ହୋଇପଡ଼େ ସତରେ । ଗାଳ୍ପିକ ପାତ୍ରମୁଖୀ ଭାଷା ମାଧ୍ୟମରେ ଲୋକ ବିଶ୍ୱାସର ସୁନ୍ଦର

ବିଶ୍ଳେଷଣ ?ଟି ଆଙ୍କି ପାରିଛନ୍ତି । ସମସ୍ତ ଗଳ୍ପରେ ବୁଢ଼ୀର ବ୍ୟକ୍ତିତ୍ୱ ବର୍ଦ୍ଧନା ସହ ମୃତ୍ୟୁକାଳୀନ ସ୍ୱୀକରୋକ୍ତି ଗଳ୍ପକୁ ଚମତ୍କାର ଉତ୍କର୍ଷା ଓ ପରିଣତି ପ୍ରଦାନ କରିପାରିଛି । ଏହିପରି ଗଳ୍ପ ସମକାଳୀନ ସାହିତ୍ୟର ବିଶେଷତ୍ୱ ବହନ କରେ । " ତତେ ଗୋଟେ କଥା କହିବି ସାନବୋହୂ ତୁ କହିବୁନିତ କାହାକୁ । ମୋ ଝିଅବେଳେ ମୋର ଥରେ ମାସ ଗଡ଼ି ଯାଇଥିଲା । କେହି କିଛି ଜାଣିବା ଆଗରୁ ମା କୋଉଠୁ ତୁଟକା ଆଣି ଦେଲା ଯେ ସବୁ ସଫା ହୋଇଗଲା । କ ?ଥାଟା ଆଉ ଫିଟିଆରି ହେଲାନି । ସେଥର ସୁଦଶା ବ୍ରତକୁ ଜୋଇଁ ଥାନ୍ତି ଘରେ । ତୋ ଶ୍ୱଶୁରକୁ ଯେତେ କହିଲି ମାନିଲେନି ଶାଗୁଆତି ଆଣିଲେ ଘରକୁ । ସେଦିନ ରନ୍ଧା ଏତେ ବଢ଼ିଆ ବାସୁଥିଲା ଯେ ଲୋଭ ସମ୍ଭାଳି ପାରିଲିନି । ବାରିପଟକୁ ପରିସ୍ରା ଯିବା ବାହାନାରେ ଯାଇ ମାଉଁସ ଦିଖଣ୍ଡ ଲୁଚେଇକି ଖାଇ ଦେଇଥିଲି । ତା'ର ଶ୍ୱଶୁରବି ଏକଥା ଜାଣନ୍ତିନି । କଥା ସରୁସରୁ ବୁଢ଼ୀର ଆଖି ମୁଦି ହୋଇ ଆସିଲା ହଲାଇଲେ ବି ବୁଢ଼ୀ ଶୁଣିଲାନି ।" ବୟସର ଭାରରେ ନଇଁ ଗଲାବେଳେ ମୃତ୍ୟୁର ଶୀତଳ ପଦଧ୍ୱନି ଚାରି କଡ଼ରେ । ତାରି ଭିତରେ ଚମ ଧୁଡୁ ଧୁଡୁ ହାତ ଖୋଜେ ଆଖିକୋଣରୁ ଝରି ଆସୁଥିବା ଲୁହ ଟୋପାକୁ ପୋଛି ପକାଇବାକୁ । ମୃତ୍ୟୁ ନିଶ୍ଚିତ ଏକଥା ଜାଣି ମଧ୍ୟ ମଣିଷ ଦରାଣ୍ଡି ନେଉଥାଏ ନିଜକୁ । ସବୁ ପ୍ରାପ୍ତି ପରେ ଆହୁରି କିଛି ପାଇବାର ଆଶା ନେଇ ଧାଇଁଥାଏ । ମଣିଷର ଶେଷ ପଥ ମୃତ୍ୟୁ । ତାକୁବା କିଏ ଏଡ଼ାଇ ଦେଇ ଚାଲିଯିବ । 'ସମୟର ଚିତ୍ରପଟ୍ଟ' ଗଳ୍ପରେ ବୁଢ଼ୀମା ଓ ବୁଢ଼ା ଜେଜେଙ୍କ ଜୀବନର ଶେଷ ଅବସ୍ଥାରେ ଦୁହେଁ ଦୁହିଁଙ୍କୁ ଲୋଡୁଛନ୍ତି । ଠିକ୍ ଯେପରି ଦ୍ୱୀପ ଲିଭିବା ଆଗରୁ ଦ୍ୱୀପ ଜୋରରେ ଜଳିଥାଏ । କିନ୍ତୁ ବଧିର ବିଧାନ । ମୃତ୍ୟୁ ହିଁ ଚିରନ୍ତନ ସତ୍ୟ, ମୃତ୍ୟୁ ହିଁ ଜୀବନର ଶେଷ ପଥ । 'ଖରାପ ପାଗ' ଓ 'ଦିନେ କ'ଣ ହେଲାନ ସ୍ୱପ୍ନ ସମ୍ରାଟ' ଆଦି ଗଳ୍ପରେ ଏହି ମୃତ୍ୟୁଚେତନାଟିକୁ ବିଶେଷ ଭାବରେ ପ୍ରତିଫଳିତ ହୋଇଛି ।

**ଆଧ୍ୟାତ୍ମିକତା:**

ଆବାଳ ବୃଦ୍ଧବନିତାଠାରୁ ଆରମ୍ଭ କରି ସମସ୍ତ ମାନବମାନଙ୍କ ଭିତରେ ଏହି ଆଧ୍ୟାତ୍ମିକ ଅଦୃଶ୍ୟ ଚେତନାଟି ପରିଲକ୍ଷିତ ହୋଇଥାଏ। ସମସ୍ତେ ସେଇ ପରମ ପୁରୁଷଙ୍କ ନିକଟରେ ନିଜକୁ ସଅଁପି ଦିଅନ୍ତି। ତାଙ୍କ ବିନା ଏହି ଜୀବନ ତୁଚ୍ଛ ସଦୃଶ ଅଟେ। ସେହି ବିଧାତା, ସୃଷ୍ଟି କର୍ତ୍ତା ଓ ସଂହାର କର୍ତ୍ତା। ତାଙ୍କ ଠାରେ ତଲ୍ଲୀନ ହେବା ପାଇଁ ଏହି ମାନବ ସମାଜ କେତେ ଯେ ବ୍ୟାକୁଳତା ତାହା ଅବର୍ଣ୍ଣନୀୟ। ସେଥିପାଇଁ ସେହି ଅଦୃଶ୍ୟ ସତ୍ତାଟିକୁ ଆଶା ଭରସା କରି, ବିନା ସ୍ପର୍ଶ ଓ ଦୃଶ୍ୟରେ କେବଳ ଅନୁଭବ କରିବାଟାହିଁ ତ' ଆଧ୍ୟାତ୍ମିକ ଚେତନା। ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଏହି ଆଧ୍ୟାତ୍ମିକ ଚେତନାକୁ ଗ୍ରହଣ କରି 'ତ୍ରାଣକର୍ତ୍ତା', 'ଛାଇ', 'କଳିଯୁଗ', 'ବିଲଭୋଜି', 'ସାଳନ୍ଦୀରେ ସଞ୍ଜ', ଓ 'ତୁମରି ଇଚ୍ଛା' ଆଦି ଗଳ୍ପ ଗୁଡ଼ିକ ରଚନା କରିଛନ୍ତି ।

## ପବିତ୍ର ପାଣିଗ୍ରାହୀଙ୍କ ଗଳ୍ପର କଳାପକ୍ଷ

**ପରିବେଶ:**

ଗଳ୍ପଟିକୁ ଅଧିକ ବାସ୍ତବ କରିବା ପାଇଁ ଗାଳ୍ପିକ ପରିବେଶକୁ ଜୀବନ୍ତ ଭାବରେ ବର୍ଣ୍ଣନା କରିଥାଏ । ନିଜର ମୂଳ ବକ୍ତବ୍ୟକୁ ଅଧିକ ଉତ୍କୃଷ୍ଟ କରିବା ପାଇଁ ପରିବେଶକୁ ଆଦରି ନିଏ । ପରିବେଶ ନଥିଲେ ଗଳ୍ପର ଗାମ୍ଭୀର୍ଯ୍ୟ ଓ ବାସ୍ତବତାକୁ ଉପଲବ୍ଧି କରିହୁଏ ନାହିଁ । ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ଗଳ୍ପ ଗୁଡିକ ପରିବେଶ ଦୃଷ୍ଟିରୁ ବେଶ୍ ଜୀବନ୍ତ ଓ ବାସ୍ତବ ମନେ ହୁଏ ।

**ପୃଷ୍ଠଭୂମି:**

ଜଣେ ସ୍ରଷ୍ଟାର ସୃଷ୍ଟିରେ ସମକାଳୀନ ସମାଜର ସାମାଜିକ, ସାଂସ୍କୃତିକ ରାଜନୀତିକ, ଐତିହାସିକ ତଥା ଆର୍ଥନୀତିକ ପ୍ରେକ୍ଷାପଟ୍ଟକୁ ମୁଖ୍ୟ ନେଇ ଗାଳ୍ପିକ ଗଳ୍ପ ରଚନା କରିଥାଏ । ଯାହା ତା'ର ସାହିତ୍ୟର ପୃଷ୍ଠଭୂମି ଉପରେ ପରିଚିତ । ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ଗଳ୍ପଗୁଡିକ ମୁଖ୍ୟତଃ ସମକାଳୀନ ସମାଜର ପରିବର୍ତ୍ତନ ହେଉଥ ?ିବା ସାମାଜିକ ସ୍ଥିତି ହିଁ ତାଙ୍କ ଗଳ୍ପର ପୃଷ୍ଠଭୂମି।

**ଚରିତ୍ର:**

ଚରିତ୍ର ହେଉଛି ଗଳ୍ପର ମୁଖ୍ୟ ଉପାଦାନ । ବିନା ଚରିତ୍ରରେ ଗଳ୍ପ ରଚନା କରିବା ଅସମ୍ଭବ। ଗାଳ୍ପିକ ଚରିତ୍ର ମାଧ୍ୟମରେ ହିଁ ତା'ର ମୂଳ ବକ୍ତବ୍ୟକୁ ପାଠକ ମାନଙ୍କ ନିକଟରେ ପହ*ାଇଥାଏ । ଗଳ୍ପକୁ ସରସ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ସେ ନେଇଥାଏ ବିଭିନ୍ନ ପ୍ରକାରର ଚରିତ୍ର । ମାନବ ଚରିତ୍ର ଠାରୁ ଆରମ୍ଭ କରି ମାନବେତର ଚରିତ୍ରକୁ ଗଳ୍ପରେ ସ୍ଥାନ ଦେଇଥାଏ । ଗଳ୍ପରେ ଅତିକଳ୍ପନା ପ୍ରୟୋଗ କରିବା ପାଇଁ ରାକ୍ଷସ, ଦାନବ, ନାନା ପ୍ରକାର ପ୍ରକାର୍ଯ୍ୟକୁ ଗ୍ରହଣ କରିଥାଏ । ଗାଳ୍ପିକ ଯେଉଁ ପ୍ରକାର ଚରିତ୍ର ଗ୍ରହଣ କରିଥିଲେ ସୁଦ୍ଧା ତା'ର ମୂଳଟି ଥାଏ ପାଠକ ମନରେ ବା ହୃଦୟରେ ବିରାଜମାନ କରିବା । ଗାଳ୍ପିକ ପବିତ୍ର ପାଣିଗ୍ରାହୀ ତାଙ୍କ ଗଳ୍ପରେ ମୁଖତଃ ମାନବ ଚରିତ୍ରକୁ ଗ୍ରହଣ କରିଛନ୍ତି । କେତକ ସ୍ଥାନରେ ମାନବେତର ଚରିତ୍ରର ଅବତାରଣ କରିଛନ୍ତି । ଗ୍ରାମର ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ସହରୀ ସଭ୍ୟତାର ଚରିତ୍ର ଗୁଡିକୁ ନେଇ ତାଙ୍କ ଗଳ୍ପ ରଚିତ ।

**ଭାଷା ଶୈଳୀ:**

ଭାଷା ମାଧ୍ୟମରେ ସ୍ରଷ୍ଟା ତା'ର ଭାବ ଓ ଭାବନାକୁ ପାଠକ ମାନଙ୍କ ନିକଟରେ ପହଞ୍ଚାଇଥାଏ । ତେଣୁ ଭାଷା ଯେତିକି ଚମତ୍କାର ସହଜ ଓ ସରଳ ହୋଇଥାଏ । ଗଳ୍ପ ସେତିକି ଜୀବନ୍ତ ହୋଇଥାଏ । ଭାଷା ମାଧ୍ୟମରେ ପାଠକ ଗାଳ୍ପିକଙ୍କ ବକ୍ତବ୍ୟ ବୁଝାଇପାରେ । ମଣିଷର ଭଲମନ୍ଦ କଥା ବିଚାର କରେ । ତେଣୁ ଭାଷା, ପରିବେଶ, ପୃଷ୍ଠଭୂମି ଓ ଚରିତ୍ର ଅନୁଯାୟୀ ହୋଇ ପାରିଲେ ଭାଷାର ସୌନ୍ଦର୍ଯ୍ୟ ବଢ଼ିଥାଏ । ଠିକ ଏହିପରି ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ତାଙ୍କର

ଗଳ୍ପରେ ସହଜ, ସରଳ, ସାବଲୀଳ ଭାଷା ହିଁ ବ୍ୟବହାର କରନ୍ତି । ଏହା ବ୍ୟତୀତ ତାଙ୍କ ଗଳ୍ପ ଗୁଡିକରେ କାବ୍ୟକତା, ଆବେଗଧର୍ମୀକତା, ଗୀତିମୟତା, ଉପମା, ଚିତ୍ରକଳ୍ପ, ପ୍ରତୀକ ଏବଂ ରୂଢ଼ିର ପ୍ରୟୋଗ ଆଦି ଦେଖିବାକୁ ମିଳେ ।

**ଉପସ୍ଥାପନା କୌଶଳ:**

ଶୈଳୀ ସମସ୍ତଙ୍କର ସମାନ ନୁହେଁ । ଭିନ୍ନ ଭିନ୍ନ ହୋଇଥାଏ। ଏହି ଭିନ୍ନତା ଯୋଗୁଁ ହିଁ ଲେଖକର ବ୍ୟକ୍ତିତ୍ୱ ଜଣାପଡିଥାଏ । ସାହିତ୍ୟ ସର୍ଜନଟିକୁ ଯେତେ ବେଳେ ସେ ଉପସ୍ଥାପନା କରେ, ସେତେ ବେଳେ ସେ ସୌନ୍ଦର୍ଯ୍ୟକୁ ଗୁରୁତ୍ୱ ଦେଇ କଥାବସ୍ତୁଟିକୁ ଗତି କରାଏ । କେଉଁ ସମୟରେ କେଉଁ ଶୈଳୀର ଉପସ୍ଥାପନା କଲେ ପାଠକର ହୃଦୟସ୍ପର୍ଶୀ ହେବ ଓ ନିଜର ସୃଷ୍ଟି ବଳିଷ୍ଠ ହେବ । ସେଥିପ୍ରତି ସ୍ରଷ୍ଟା ବହୁ ଯତ୍ନବାନ ହୋଇଥାଏ । ଏ କ୍ଷେତ୍ରରେ ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ଗଳ୍ପ ଉପସ୍ଥାପନାରେ ଆତ୍ମକଥନ ଶୈଳୀ, ପ୍ରତ୍ୟକ୍ଷ ବା ପାରମ୍ପରିକ ଶୈଳୀ, ନାଟକୀୟ ଶୈଳୀ, ଅତୀତ ଉଦ୍ଭାଶନଶୈଳୀ, ଅନୁବର୍ତ୍ତନଶୈଳୀ, ପତ୍ରଶୈଳୀ ଇତ୍ୟାଦି ଦେଖିବାକୁ ମିଳେ ।

**ନାମକରଣ ସାର୍ଥକତା:**

ପରିବାରରେ ଛୋଟ ଶିଶୁଟିଏ ଜନ୍ମ ହେବା ପରେ ତା'ର ପରିବାର ପ୍ରଥମେ ତା'ର ନାମକରଣ କରିଥାନ୍ତି । ଠିକ୍ ସେହି ଭଳି ଭାବରେ ଗାଳ୍ପିକ ତା'ର ମାନସ ସନ୍ତାନକୁ ସୃଷ୍ଟି କରିବା ପରେ ତା'ର ନାମକରଣ କରିଥାଏ । କାରଣ ନାମକରଣ ହିଁ ପାଠକକୁ ଆକୃଷ୍ଟ କରେ ସୃଷ୍ଟିଟିକୁ ପାଠ କରିବା ପାଇଁ ଏବଂ ତା ସମ୍ପର୍କରେ ଜାଣିବା ପାଇଁ। ତେଣୁ ପାଠକର ରୁଚି ଏବଂ ନିଜ ସୃଷ୍ଟିକୁ ଆଖି ଆଗରେ ରଖି ଲେଖକ ଯଥାର୍ଥ ନାମକରଣ କରିବାକୁ ଚେଷ୍ଟା କରିଥାଏ । ନାମକରଣ ବିଭିନ୍ନ ଦୃଷ୍ଟିକୋଣରୁ କରାଯାଇ ପାରେ । ଅର୍ଥାତ୍ କେତେ ବେଳେ ଗାଳ୍ପିକ ନାୟକ ବା ନାୟିକାର ନାମକୁ ଆଧାରକରି କିମ୍ବା କେତେ ବେଳେ ଘଟଣା, ସ୍ଥାନ ବା ଭାବକୁ ଆଧାର କରି ନାମକରଣ ହୋଇଥିବାର ଲକ୍ଷ୍ୟ କରାଯାଏ ।

## ପବିତ୍ର ପାଣିଗ୍ରାହୀଙ୍କ ଗଳ୍ପର ସ୍ୱତନ୍ତ୍ରତା

**ଅତୀତପ୍ରୀତି:**

ଅତୀତପ୍ରୀତିକୁ ଇଂରାଜୀରେ ନଷ୍ଟାଲଜିଆ କୁହଯାଏ । ନଷ୍ଟାଲଜିଆର ଜନକ ହେଉଛନ୍ତି ଫ୍ରେଡ଼େରିକ ଜେମସନ । ଓଡ଼ିଆରେ ଅତୀତପ୍ରୀତିକୁ ଅନ୍ୟ କେତକ ନାମରେ ମଧ୍ୟ ଜଣାଯାଏ । ଯଥା ପୂର୍ବକଥା ମନେ ପକାଇବା, ପୁରୁଣା ସ୍ମୃତି, ଝୁରି ହେବା, ବିକଳ ହେବା ଓ ସ୍ମୃତି ଚାରଣ କରିବା ଆଦି ଶବ୍ଦକୁ ଗ୍ରହଣ କରାଯାଏ । ଗାଳ୍ପିକ ପବିତ୍ର ପାଣିଗ୍ରାହୀ ନଷ୍ଟାଲଜିଆ ଗାଳ୍ପିକ ଭାବେ ପରିଚିତ । ତାଙ୍କ ଗଳ୍ପର ଏକ ମୁଖ୍ୟ ଦୀଗ ଭାବେ ଅତୀତପ୍ରୀତିକୁ ଗ୍ରହଣ କରିପାରିବା । ତାଙ୍କର ଏହି ଧରଣର ଗଳ୍ପ ଗୁଡିକ ହେଉଛି – 'ଫରୁଆ', 'ପାରିଧି', 'ଭଇଁଚକୋଳି', 'ଅଫେରା ଜହ୍ନରାତି', 'ସାଳନ୍ଦୀରେ ସଞ୍ଜ', 'ଗଳ୍ପର ଚାରୋଟି ଚରିତ୍ର', 'ଶେଷରୁ ଆରମ୍ଭ', 'ଭୋ', 'ଜୁଲୁଜୁଳିଆ', 'ପାପର ସଂଜ୍ଞା', 'ଇତିହାସ', 'ଦୂର ଗାଁ ନଈ', 'ଚେର', 'ବିଲଭୋଜି', 'ଝିଅ', 'ତ୍ରାଣକର୍ତ୍ତା', 'ଅଲ୍ୟଳ ମୁହୂର୍ତ୍ତ', 'କଥା ଥିଲା' ଓ 'ମନେ ମନେ' ଆଦି ଗଳ୍ପରେ ଦେଖିବାକୁ ମିଳେ ।

**ସ୍ଥିତିବାଦ ଚେତନା:**

ସ୍ଥିତିବାଦ ଏକ ବ୍ୟକ୍ତିକ ସ୍ଥିତି ଏବଂ ବ୍ୟକ୍ତିନିଷ୍ଠତା । ବ୍ୟକ୍ତିକ ସ୍ୱାଧୀନତା ଓ ବ୍ୟକ୍ତିକ ପସନ୍ଦକୁ ଅଗ୍ରାଧିକାର ଦେଉଥିବା ଏକ ଦର୍ଶନ। ଦେବତାବି କୌଣସି କର୍ତ୍ତୃପକ୍ଷ ନୁହନ୍ତି । ବ୍ୟକ୍ତି ନିଜେ ନିଜର ନିର୍ଯ୍ୟାସ, ଅର୍ଥ ଓ ମାର୍ଗ ତିଆରି କରେ। ବ୍ୟକ୍ତି ସମ୍ପୁର୍ଣ ଭାବେ ସ୍ୱାଧୀନ ଓ ଚୂଡାନ୍ତ ଭାବେ ଦାୟିତ୍ୱବାନ। ପୂର୍ବ ନିର୍ଦ୍ଧାରିତ ସାମାଜିକ, ନୈତିକ ପରମ୍ପରାର ଶୃଙ୍ଖଳାରୁ ମୁକ୍ତ ରହି ଜୀବନର ସଂଜ୍ଞା ଆପେ ନିର୍ଦ୍ଧାରିତ କରିବା, ମୁକ୍ତ ଇଚ୍ଛା ସାବ୍ୟସ୍ତ କରିବା, ମଣିଷକୁ ନିର୍ବେଦ ବସ୍ତୁରେ ପରିଗଣିତ କରି ପକାଉଥିବା ସାମାଜିକ ଧର୍ମୀୟ ଅଙ୍କୁଶ ଗୁଡିକ ପ୍ରତ୍ୟାଖ୍ୟାନ କରି ନିଜର ଭାଗ୍ୟ ଏକଲା ନିର୍ମାଣ କରିବା ; ମୂଲ୍ୟବୋଧର ଆପେକ୍ଷିକତାକୁ ଗ୍ରହଣକରି ନିଜଗଢା ମୁକ୍ତ ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧ ରହିବା ଏକ ଚରମ ଦାର୍ଶନିକ ଦୃଷ୍ଟି ସ୍ଥିତିବାଦ । ସ୍ଥିତି କୈନ୍ଦ୍ରିକତା ଓ ଭାବ କୈନ୍ଦ୍ରିକତାର ବିରୋଧ, ଜାଗତିକ ପରିବେଶ ପ୍ରତି ବିରାଗଭାବ, ଚରମ ସ୍ୱାଧୀନତାକୁ ସାମ୍ନା କରିବାର ବିଷାଦ ଭାବ, ମାନବୀୟ ବିକାଶର ବିବର୍ତ୍ତନଶୀଳତା, ଅନ୍ତର୍ମୁଖୀନତା, ନିଚ୍ଛକ ସ୍ଥିତିର ସନ୍ଧାନ ; ଅପରର ଇଚ୍ଛା ଅନିଚ୍ଛା, ନିର୍ଦ୍ଦେଶ ଓ ନିୟନ୍ତ୍ରଣର କ୍ରୀଡ଼ନକ ନାସାଦି ନିଜର ଅଭ୍ୟନ୍ତରୀଣ ସତ୍ୟ ଓ ସମ୍ଭାବନାକୁ ନେଇ ଦାୟିତ୍ୱବତ୍ତାର ସହିତ ବଞ୍ଚିବା ପାଇଁ ସ୍ଥିତିବାଦର ବିଭିନ୍ନ ଉପାଦାନ । ଉନବିଂଶ ଶତାବ୍ଦୀର ଡେନମାର୍କର ସୋରେନ୍ କିଅରକେଗାର୍ଡ, ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜର୍ମାନୀରେ ଫ୍ରେଡିରିକ୍ ନିତସେ ସ୍ଥିତିବାଦ ଦର୍ଶନର ଭିତ୍ତିଭୂମି ତିଆରି କରିଯାଇଛନ୍ତି। ସ୍ଥିତିବାଦ ଦର୍ଶନର ପ୍ରଚାର ପ୍ରସାର ପାଇଁ ମାର୍ଟିନ ହାଇଡିଗାର, ଜାଁପଲ ସାର୍ତ, ଦସ୍ତୋଭସ୍କି, କାଫ୍କା, କାମ୍ୟୁ, ଆଦି ଦାର୍ଶନିକଗଣ ସ୍ଥିତିବାଦର ସୌଧନିର୍ମାଣ କରିଛନ୍ତି । ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଏହି ଦର୍ଶନକୁ ଗ୍ରହଣକରି ତାଙ୍କର ଅନେକ ଗୁଡିଏ ଗଳ୍ପ ରଚନା କରିଛନ୍ତି । କରିଛନ୍ତି। ଯଥା – 'ଆକସ୍ମିକ', 'ସୁଖୀଲୋକ', 'ନିଜ ଠିକଣା ଖୋଜୁଥିବା ଲୋକ', 'ଅରିନ୍ଦମର ଗୋଟେ ବିଶେଷ ଦିନର ଡାଏରୀ', 'ଦିନ କ'ଣ ହେଲାନ ସ୍ୱପ୍ନ ସମ୍ରାଟ', 'ବୋର୍ ହେଉ ଯାଉଥିବା ଲୋକମାନେ', 'ଜହ୍ନକୁ ଚାହିଁ ଖୋଜୁଥିବା ଏକଲା ମଣିଷର କଥା', 'ଗଳ୍ପର ଚାରୋଟି ଚରିତ୍ର', 'ପାଚେରୀ', 'ଏକା ଏକା ଅରୁନ୍ଧତୀ', 'ନିଜେ ହିଁ କେବଳ', 'ଉଜାଣି', 'ଆଇ ଆମ୍ ସରି', 'ଜେଜେ', 'ନିନ୍ଦିତ ନାୟକ', 'ସ୍ୱପ୍ନଚୋରି', 'ପ୍ରଥମା', 'ଦେବୀ ପ୍ରତିମା',

'ମିଛଘର', 'ଘଟଣା', 'ଜୋକ୍', 'ଗପର ନାଁ ଜୀବନ' ଓ 'ବିଷମ ବାହୁ' ଆଦି ଗଳ୍ପରେ ସ୍ଥିତିବାଦ ଚେତନା ଦେଖିବାକୁ ପାଇବା ।

**ଫ୍ରଏଡୀୟ ଚେତନା:**

ସିଗମଣ୍ଡ ଫ୍ରଏଡ ହେଉଛନ୍ତି ଫ୍ରଏଡୀୟ ଚେତନାର ସୃଷ୍ଟିକର୍ତ୍ତା । ସାଧାରଣତଃ ଭାବରେ ମନୁଷ୍ୟର ମନସ୍ତତ୍ତ୍ୱ ଉପରେ ଏହି ଚେତନା ଗ୍ରହଣୀୟ । ଫ୍ରଏଡ ମଣିଷର ମନସ୍ତତ୍ତ୍ୱକୁ ତିନି ଭାଗରେ ବିଭକ୍ତ କରି ଆଲୋଚନା କରିଥିଲେ । ଯଥା –'ଚେତନ', 'ଅବଚେତନ' ଓ 'ଅଚେତନ ମନ' । ୧୮୮୨ ମସିହା ଅକ୍ଟୋବର ମାସ ୧୨ ତାରିଖରେ ସେ ଥିଓଡର ମିଟେନକଂ ମାନସିକ ଚିକିତ୍ସାଳୟରେ ସହକାରୀ ଚିକିତ୍ସା ବୈଜ୍ଞାନିକଙ୍କ ତତ୍ତ୍ୱାବଧାନରେ ଗବେଷଣାରତ ଥିଲେ। ସେହି ସମୟରେ ସେ ଡାରଉଇନକଂ ପ୍ରବର୍ତ୍ତିତ ବିବର୍ତ୍ତନବାଦ ଦ୍ୱାରା ପ୍ରଭାବିତ ହୋଇଥିଲେ । " ୧୮୮୩ ମସିହାରେ ଫ୍ରଏଡ ଯୁଗ୍ମ ଭାବେ ଡଃ ଯୋଶେଫ ବ୍ରୁଏରଙ୍କ ' The Political Mechanism of Historical Phenomena' ଗ୍ରନ୍ଥ ପ୍ରଣୟନ କରିଥିଲେ । ଐତିହାସିକ ଦୃଷ୍ଟିକୋଣରୁ ଏହାହିଁ ମନ ବିଶ୍ଳେଷଣ (Psycho - Analysis)ର ଅୟଆରମ୍ଭ ହୋଇଥିଲା ।" ଫ୍ରଏଡୀୟ ଚେତନାର ଗୋଟିଏ ବଳିଷ୍ଠ ଦୀଗ ହେଉଛି ଯୌନ ଚେତନା । ମଣିଷର ଆଦିମ ପ୍ରବୃତ୍ତି ଭାବରେ ଏହା ସମସ୍ତଙ୍କ ଠାରେ ରହିଛି । ଜଣେ ପୁରୁଷ ନାରୀ ପ୍ରତି କିମ୍ବା ଜଣେ ନାରୀ ପୁରୁଷ ପ୍ରତି ଆକୃଷ୍ଟ ହେବା ସ୍ୱାଭାବିକ। ଏହାକୁ ଫ୍ରଏଡ 'ଲିବିଡ଼ୋ' ତତ୍ତ୍ୱ ବୋଲି ବିଶ୍ଳେଷଣ କରିଛନ୍ତି । ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଫ୍ରଏଡକଂର ଏହି 'ଚେତନ', 'ଅବଚେତନ' ଓ 'ଅଚେତନ ଚେତନା'କୁ ଗ୍ରହଣ କରି ତାଙ୍କ ଗଳ୍ପରେ ଦେଖାଇଛନ୍ତି। ଗାଳ୍ପିକ ପାଣିଗ୍ରାହୀଙ୍କ ଗଳ୍ପରେ ମଣିଷର ମନସ୍ତତ୍ତ୍ୱ ଦିଗଟି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ମଧ, ଯୌନତାକୁ ସେ ଖୁବ୍ କମ୍ ପରିମାଣରେ ତାଙ୍କ ଗଳ୍ପରେ ଦର୍ଶାଇଛନ୍ତି । ତାଙ୍କର ଏହି ଧରଣର ଗଳ୍ପ ଗୁଡିକ ହେଉଛି – 'ସୁଖୀଲୋକ', 'ତମେ ଆଜି କାଲି ଏତେ ଅନ୍ୟମନସ୍କ କିଆଁ ପିନାଲୀ', 'ବିମର୍ଷର ଗୋଟେ ଖରାବେଳ', 'ଦ୍ରାବିଡ଼ମିଶ୍ରର ଗଳ୍ପ', 'ନିଜ ଠିକଣା ଖୋଜୁଥିବା ଲୋକ', 'ଦିନେ କ'ଣ ହେଲାନ ସ୍ୱପ୍ନ ସମ୍ରାଟ',' ଖରାପ ପାଗ', 'ନିନ୍ଦିତ ନାୟକ' ଓ 'ସ୍ୱପ୍ନ ସଂକେତ' ଆଦି ଗଳ୍ପରେ ଫ୍ରଏଡୀୟ ଚେତନା ଦେଖିବାକୁ ମିଳେ ।

**ନାରୀ ଓ ପୁରୁଷ ମଧ୍ୟରେ ସମ୍ପର୍କ:**

ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି । ଉଭୟ ହୋଇଛନ୍ତି ପ୍ରକୃତି ଓ ପୁରୁଷ । ଉଭୟଙ୍କ ମିଳନରେ ହିଁ ଏହି ସୃଷ୍ଟି । ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଉଭୟ ନାରୀ ଓ ପୁରୁଷକଂ ମଧ୍ୟରେ ଥିବା ବିଭିନ୍ନ ପ୍ରକାରର ପ୍ରେମ, ଭଲପାଇବା ଓ ସମ୍ପର୍କକୁ ତାଙ୍କ ଗଳ୍ପରେ ଦର୍ଶାଇଛନ୍ତି । ତାଙ୍କର ଏହି ଧରଣର ଗଳ୍ପ ଗୁଡିକ ହେଉଛି – 'ହାଇଫେନ୍', 'କୁହେଳି', 'ଅନ୍ତିମ ମାର୍ଗ', 'ଖରାପ ପରାଗ' ଓ 'ଏକା ଏକା ଅରୁନ୍ଧତୀ' ପ୍ରଭୃତି ଗଳ୍ପ ।

**ପ୍ରେମରେ ପ୍ରାପ୍ତି ଅପେକ୍ଷା ତ୍ୟାଗ:**

ପ୍ରେମ ସତ୍ୟ, ଶିବ, ସୁନ୍ଦର ଓ ଚିରନ୍ତନ । ପ୍ରେମକୁ ସ୍ପର୍ଶ କରିହୁଏ ନାହିଁ । କେବଳ ଯାହା ଅନୁଭବ କରିହୁଏ । ପ୍ରେମରେ ପ୍ରାପ୍ତି ନୁହେଁ, ବରଂ ତ୍ୟାଗ ହିଁ ମନକୁ ଆତ୍ମତୃପ୍ତି ପ୍ରଦାନ କରିଥାଏ। ଏହି ଚିନ୍ତା ଓ ଚେତନାକୁ ଗ୍ରହଣକରି ଗାଳ୍ପିକ ପାଣିଗ୍ରାହୀ ତାଙ୍କର 'ଚିନ୍ମୟୀର ଚିଠି', 'ତନୁତୀର୍ଥ', 'ଆକସ୍ମିକ, 'ହୃଦୟ', 'ଛୁଇଁଲେ ପ୍ରେମ', 'ନୈଶାଭିସାର' ଓ 'ଶେଷରୁ ଆରମ୍ଭ' ଗଳ୍ପ ଗୁଡ଼ିକ ରଚନା କରିଛନ୍ତି ।

**ଉପସଂହାର:**

ଓଡ଼ିଆ ଗଳ୍ପ ଜଗତରେ ପବିତ୍ର ପାଣିଗ୍ରାହୀ ଜଣେ ସ୍ମରଣୀୟ ପ୍ରତିଭା । ଜଣେ ନିଆରା କଥାଶିଳ୍ପୀ । ତାଙ୍କ କଥାସୃଷ୍ଟିରେ ସେ ଭଲ ପାଇଛନ୍ତି ମଣିଷକୁ । ମଣିଷର ଜୀବନଯାପନ କରିବାର କୌଶଳକୁ। ମଣିଷ ବସବାସ କରୁଥିବା ସମାଜକୁ ଓ ସର୍ବୋପରି ସେ ଆନ୍ତରିକତା ଭାବେ ଭଲ ପାଇଛନ୍ତି ମାନବୀୟ ସମ୍ପର୍କକୁ । ଏହା ସହିତ ତାଙ୍କର ପ୍ରକାଶିତ ତେରଗୋଟି ଗଳ୍ପ ସଙ୍କଳନ ମଧ୍ୟରେ ସେ ଜୀବନର ଯନ୍ତ୍ରଣାକୁ ଭୋଗିଛନ୍ତି ଓ ଜୀବନକୁ ଖୋଜିଛନ୍ତି । ପରମ୍ପରା ପ୍ରତି ଅନୁରକ୍ତ ଥିଲେ ମଧ ଗାଳ୍ପିକ ଜୀବନର ସତ୍ୟକୁ ସାମ୍ନା କରିଛନ୍ତି । ତାଙ୍କ ଗଳ୍ପଗୁଡ଼ିକୁ ବିଶ୍ଳେଷଣ କଲେ ଜଣାଯାଏ ଯେ, ପ୍ରତି ଗଳ୍ପରେ ତାଙ୍କର ବ୍ୟକ୍ତିସତ୍ତା ଉପସ୍ଥିତ । ନିଜର ଅନୁଭୂତି ଓ ଚେତନା ସହିତ ତାଙ୍କ ଗଳ୍ପର ଚେତନା ଚରିତ୍ର ସମ୍ପୂର୍ଣ୍ଣ ଭାବେ ଏକାତ୍ମ । ଜୀବନ ବଂଚିବାକୁ ହିଁ ସେ ମଣିଷର ପରମଧର୍ମ ବୋଲି ମନେ କରିଛନ୍ତି । ସତ୍ୟ ଯେତେ ନିଷ୍ଠୁର ହେଲେ ମଧ୍ୟ ଗାଳ୍ପିକ ତାହାକୁ ସ୍ୱଇଚ୍ଛାରେ ଗ୍ରହଣ କରିଛନ୍ତି। ଏହାକୁ ଗାଳ୍ପିକ ପାଠକମାନଙ୍କ ନିକଟରେ ରୋକଠୋକ୍ ଭାବେ ଉପସ୍ଥାପନା କରିବାରେ ପଛଘୁଂଚା ଦେଇ ନାହାନ୍ତି। ବାସ୍ତବକୁ ସରସ ସୁନ୍ଦର କରି ଗଳ୍ପରେ ରୂପାୟିତ କରିଛନ୍ତି । ତାଙ୍କ ଗଳ୍ପଗୁଡ଼ିକ ମନୋରଞ୍ଜନ ପାଇଁ ନୁହେଁ, ବ୍ୟକ୍ତି ଓ ସମାଜର ଆଭିମୁଖ୍ୟ ଏବଂ ପରିବର୍ତ୍ତିତ ରୂପକୁ ପ୍ରକାଶ କରିବା ପାଇଁ ଅଭିପ୍ରେତ। ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କର ଗଳ୍ପ ଜଗତ ଭିତରେ ଯେମିତି ନଥାଏ କାହାକୁ ଆଦେଶ ଦେବାର ଅହଙ୍କାର । ସେମିତି ନଥାଏ ଆସ୍ପର୍ଦ୍ଧା କି ଅନ୍ୟକୁ ଅବଜ୍ଞା କରିବାର ଆସ୍ପୃହା । ଗଳ୍ପ ସଙ୍କଳନ 'ପ୍ରେମିକର ଦଶାବତାର' ଠାରୁ ଆରମ୍ଭ କରି 'ପାଗ ବଦଳିଛି' ଓ 'ଶ୍ରେଷ୍ଠ ଗଳ୍ପ' ପର୍ଯ୍ୟନ୍ତ ପରିବ୍ୟାପ୍ତ ସାରସ୍ୱତ ଭୂଖଣ୍ଡ ଭିତରେ ପ୍ରାୟତଃ ମିଳେନା କେଉଁ ନିର୍ଦ୍ଦିଷ୍ଟ ସମ୍ପର୍କର ଉଦ୍ଧତ ଉଚ୍ଚାଟନ ବା କୋଳାହଳମୟ ଦିଗଭ୍ରଷ୍ଟ ଧାଁଦୌଡ଼ । ସେଠି ଯେଉଁ ପ୍ରତିବାଦର ସ୍ୱର ମିଳେ ତା' ମାନବୀୟ ପ୍ରୀତି ଓ ଜୀବନ ପ୍ରତି ଗଭୀର ମମତ୍ୱବୋଧ । ପ୍ରାରମ୍ଭିକଠାରୁ ଆରମ୍ଭକରି ସାମ୍ପ୍ରତିକ ପର୍ଯ୍ୟନ୍ତ ସମାଜରେ ଘଟୁଥିବା ଘଟଣାବଳୀକୁ ବିଶ୍ଳେଷଣ କରିବାରେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଜଣେ ସୁଦକ୍ଷ ବିନ୍ଧାଣୀ । ତାଙ୍କ

ଗଳ୍ପରେ ପ୍ରେମ, ପ୍ରଣୟ, ମନସ୍ତତ୍ତ୍ୱ, ସମାଜ, ସଂସ୍କୃତି, ପରମ୍ପରା, ବ୍ୟକ୍ତିସତ୍ତା, ନିସଙ୍ଗତା ଆଦି ସବୁ ବିଷୟ ଉପସ୍ଥାପିତ ହୋଇଛି। ସାଧାରଣତଃ ଭାବରେ କହିବାକୁ ଗଲେ ଗାଳ୍ପିକ ବଡ଼ବଡ଼ ଘଟଣାକୁ ଅଳ୍ପ କଥାରେ ଅତି ସୁନ୍ଦର ଓ ଜୀବନ୍ତଭାବେ ତାଙ୍କ ଗଳ୍ପରେ ପ୍ରକାଶ କରନ୍ତି। ତାହା ଏକାନ୍ତ ଭାବେ ତାଙ୍କର ନିଜସ୍ୱ ଅଟେ । ତତ୍ସହିତ ଅପୂର୍ବ ଗଦ୍ୟଶୈଳୀ, କାବ୍ୟକତା ଦୃଷ୍ଟିରୁ ତାଙ୍କ ଗଳ୍ପଗୁଡ଼ିକ ସ୍ୱତନ୍ତ୍ର ଓ ଅନନ୍ୟ।

## ସହାୟକ ଗ୍ରନ୍ଥସୂଚୀ :


### ସହାୟକ ହୋଇଥିବା ବିଷୟ ଅନ୍ତର୍ଭୁକ୍ତ ଗଳ୍ପ ସଙ୍କଳନ

୧. ପାଣିଗ୍ରାହୀ, ପବିତ୍ର, ପ୍ରେମିକର ଦଶାବତାର, କଲେଜ ରୋଡ଼, ଭଦ୍ରକ, ଗଳ୍ପଝର ପ୍ରକାଶନୀ, ପ୍ରଥମ ସଂସ୍କରଣ, ୧୯୮୮ ।

୨. ପାଣିଗ୍ରାହୀ, ପବିତ୍ର, ଖରାପ ପାଗ, ବାଙ୍କାବଜାର, କଟକ, ଅଗ୍ରଦୂତ, ପ୍ରଥମ ସଂସ୍କରଣ, ୧୯୯୮ ।

୩. ପାଣିଗ୍ରାହୀ, ପବିତ୍ର, ହାଇଫେନ୍, ଭୁବନେଶ୍ୱର, ଅପୂର୍ବା ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୦୦।

୪. ପାଣିଗ୍ରାହୀ, ପବିତ୍ର, ଏକା ଏକା ଅରୁନ୍ଧତୀ, ମଧୁସୂଦନ ନଗର, ତୁଳସୀପୁର, କଟକ, ପାଇନ୍ ବୁକ୍ସ୍ ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୦୧ ।

୫. ପାଣିଗ୍ରାହୀ, ପବିତ୍ର, ମନ ଅନ୍ଧାର, ଭଦ୍ରକ, ଜେନିଥ୍ ପବ୍ଲିକେସନ୍ସ, ପ୍ରଥମ ସଂସ୍କରଣ, ୨୦୦୨।

୬. ପାଣିଗ୍ରାହୀ, ପବିତ୍ର, ସ୍ୱପ୍ନଚୋରି, ଭଦ୍ରକ, ଜେନିଥ୍ ପବ୍ଲିକେସନ୍ସ, ପ୍ରଥମ ସଂସ୍କରଣ, ୨୦୦୬ ।

୭. ପାଣିଗ୍ରାହୀ, ପବିତ୍ର, ଅଫେରା ଜହ୍ନରାତି, ଭୁବନେଶ୍ୱର, ଟାଇମପାସ୍, ପ୍ରଥମ ସଂସ୍କରଣ, ୨୦୦୭।

୮. ପାଣିଗ୍ରାହୀ, ପବିତ୍ର, ଛୁଇଁଲେ ପ୍ରେମ, ଭୁବନେଶ୍ୱର, ଟାଇମପାସ୍, ପ୍ରଥମ ସଂସ୍କରଣ, ୨୦୦୮ ।

୯. ପାଣିଗ୍ରାହୀ, ପବିତ୍ର, ବରଂ ଅନ୍ଧାର ଭଲ, ବାଙ୍କାବଜାର, କଟକ, ଅଗ୍ରଦୂତ, ପ୍ରଥମ ସଂସ୍କରଣ, ୨୦୧୧ ।

୧୦. ପାଣିଗ୍ରାହୀ, ପବିତ୍ର, ଗପର ମୁହଁ, ଭୁବନେଶ୍ୱର, ଟାଇମପାସ୍, ପ୍ରଥମ ସଂସ୍କରଣ, ୨୦୧୩।

୧୧. ପାଣିଗ୍ରାହୀ, ପବିତ୍ର, ମିଛଘର, ବାଙ୍କାବଜାର, କଟକ, ଅଗ୍ରଦୂତ, ପ୍ରଥମ ସଂସ୍କରଣ, ୨୦୧୬।

୧୨. ପାଣିଗ୍ରାହୀ, ପବିତ୍ର, ପାଗ ବଦଳିଛି, ବାଙ୍କାବଜାର, କଟକ, ଅଗ୍ରଦୂତ, ପ୍ରଥମ ସଂସ୍କରଣ, ୨୦୧୯ ।

୧୩. ପାଣିଗ୍ରାହୀ, ପବିତ୍ର, ଶେଷ ଗଳ୍ପ, ଭୁବନେଶ୍ୱର, ଟାଇମପାସ୍ ?, ପ୍ରଥମ ସଂସ୍କରଣ, ୨୦୧୯ ।

### ସହାୟକ ହୋଇଥିବା ବିଷୟ ଅନ୍ତର୍ଭୁକ୍ତ ପତ୍ରପତ୍ରିକା

୧. ଜେନା, ସୁବାସିନୀ, ରେବତୀ, ଓ.ଟି. ରୋଡ଼, ବାଲେଶ୍ୱର, ମାର୍ଚ୍ଚ ୨୦୨୧

୨. ଦାସ, ଶଶଧର, ଆକଳନ, ଭଦ୍ରକ, ଭଦ୍ରକ ସାହିତ୍ୟ ଓ ସଂସ୍କୃତି ଏକାଡ଼େମୀ, ପ୍ରଥମ ସଂଖ୍ୟା, ୨୦୧୮ ଓ

୩. ନାଥ, ରାମଚନ୍ଦ୍ର, ପଲ୍ଲୀବାଣୀ, ନୂଆ ଦିଲ୍ଲୀ, ପଲ୍ଲୀବାଣୀ ମିଶନ, ପ୍ରଥମ ସଂଖ୍ୟା, ୨୦୨୦ ।

### ସହାୟକ ହୋଇଥିବା ବିଷୟ ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ପ୍ରବନ୍ଧ ଓ ସମାଲୋଚନା ପୁସ୍ତକ

୧. ଗାହଣ, କପିଳେଶ୍ୱର, ଓଡ଼ିଆ କ୍ଷୁଦ୍ରଗଳ୍ପ: ସ୍ରଷ୍ଟା – ସହୃଦୟ, ବାଙ୍କାବଜାର, କଟକ, ଅଗ୍ରଦୂତ, ପ୍ରଥମ ସଂସ୍କରଣ, ୨୦୦୭।

୨. ପ୍ରଧାନ, ପ୍ରଫେସର ସବିତା, ଓଡ଼ିଆ କଥା ସାହିତ୍ୟ : ନାରୀବାଦ, ବାଙ୍କାବଜାର, କଟକ, ମିତା ବୁକସ୍, ପ୍ରଥମ ସଂସ୍କରଣ, ୨୦୧୫।

୩. ପ୍ରଧାନ, କୃଷ୍ଣଚନ୍ଦ୍ର ଓ ଶ୍ରୀଦତ୍ତା ନିର୍ଝରିଣୀ, ଓଡ଼ିଆ କ୍ଷୁଦ୍ରଗଳ୍ପ ଧରା ଓ ଧାରା (ପ୍ରଥମ ଭାଗ), ବିନୋଦ ବିହାରୀ, କଟକ, ସତ୍ୟନାରାୟଣ ବୁକ୍ ଷ୍ଟୋର, ପ୍ରଥମ ସଂସ୍କରଣ, ୨୦୨୧ ।

୪. ବାରିକ, କବିତା, ଶହେ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ଏକ ତାତ୍ତ୍ୱିକ ବିଶ୍ଳେଷଣ (୧୮୯୮–୧୯୯୮), ବାଲୁବଜାର, କଟକ, ବିଦ୍ୟାପୁରୀ, ତୃତୀୟ ମୁଦ୍ରଣ, ଅକ୍ଟୋବର ୨୦୧୭।

୫. ବାରିକ, ଡକ୍ଟର ବନଜବାସିନୀ, ଓଡ଼ିଆ ଗଳ୍ପରେ ନବଚେତନା, ବାଙ୍କାବଜାର, କଟକ, ଅଗ୍ରଦୂତ, ପ୍ରଥମ ସଂସ୍କରଣ, ୨୦୧୭।

୬. ମହାନ୍ତି, ପ୍ରମୋଦ କୁମାର, ସିଗମଣ୍ଡ ଫ୍ରଏଡ଼: ଜୀବନୀ ଓ ମନୋସମୀକ୍ଷା ତତ୍ତ୍ୱ, ବାଙ୍କାବଜାର, କଟକ, ଅଗ୍ରଦୂତ, ପ୍ରଥମ ସଂସ୍କରଣ, ୨୦୧୫ ।

୭. ସାମଲ, ଡକ୍ଟର ବୈଷ୍ଣବ ଚରଣ, ଓଡ଼ିଆ ଗଳ୍ପ: ଉନ୍ମେଷ ଓ ଉତ୍ତରଣ, ବିନୋଦ ବିହାରୀ, କଟକ, ଫ୍ରେଣ୍ଡସ ପବ୍ଲିଶର୍ସ, ଦ୍ୱିତୀୟ ସଂସ୍କରଣ, ୨୦୧୫ ।

୮. ସାମଲ, ପ୍ରଫେସର ବୈଷ୍ଣବ ଚରଣ, ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିବୃତ୍ତ, ବିନୋଦ ବିହାରୀ, କଟକ, ଫ୍ରେଣ୍ଡସ ପବ୍ଲିଶର୍ସ, ପ୍ରଥମ ସଂସ୍କରଣ, ୨୦୧୯ ।

୯. ସାହୁ, ଡକ୍ଟର ଫକୀର ମୋହନ, ସାହିତ୍ୟ ଓ ମନସ୍ତତ୍ତ୍ୱ, ବିନୋଦ ବିହାରୀ, କଟକ, ଜଗନ୍ନାଥ ରଥ, ପ୍ରଥମ ପ୍ରକାଶ, ୨୦୧୭ ।


❖ ❖ ❖